ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.31, Bhubaneswar Saturday, March 7, 2020 ୨୩ତମ ବର୍ଷ ସଂଖ୍ୟା-୩୧ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭, ୨୦୧୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ବସ୍ତି ଉଚ୍ଛେଦ ପ୍ରତିବାଦରେ ସାଲିଆ ସାହି ବସ୍ତି ଉନ୍ନୟନ ମହାସଂଘର ବିଶାଳ ଗଣ ସମାବେଶ

## ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ଚାଲି ପାରିଲା ନାହିଁ ଲୋକସଭା

ନୂଆଦିଲ୍ଲୀ, ୬।୩(ପି.ଏନ) : ଦିଲ୍ଲୀ ହିଂସା ପ୍ରସଙ୍ଗରେ ବିରୋଧୀ ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଲୋକସଭାରେ ଗତିରୋଧ ଜାରୀ ରହିଥିଲା । ଏହି କାରଣରୁ ପୀଠାସୀନ ଅଧିକାରୀ ଲୋକସଭାକୁ ବାରମ୍ବାର ସ୍ଥଗିତ ରଖିଥିଲେ । ଶେଷରେ ଲୋକସଭା ବୈଠକକୁ ଆଗାମୀ ମାର୍ଚ୍ଚ ମାସ ୧୧ ତାରିଖ ଯାଏ ମୁଲତବୀ ଘୋଷଣା କରାଯାଇଥିଲା । ହଟ୍ଟଗୋଳ ମଧ୍ୟରେ ସରକାର ଦୁଇଟି ବିଲକୁ ଧ୍ୱନୀ ମତରେ ପାରିତ କରାଇ ଦେଇଥିଲେ । ଶୁକ୍ରବାର ଦିନ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ସଦସ୍ୟମାନେ ଦିଲ୍ଲୀ ହିଂସା ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ନେଇ ପ୍ରଧାନମନ୍ତ୍ରୀଙ୍କ ଜବାବ ମାଗିବା ଆରମ୍ଭ କରିଥିଲେ । ଅଧିଷ୍ଠାତା ମଣ୍ଡଳୀର ସଦସ୍ୟ କିରିଟ୍ ସୋଲାଙ୍କି ପ୍ରଶ୍ନ କାଳକୁ ଚଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଗୃହରେ ହଟ୍ଟଗୋଳକୁ ଦେଖି ଦିନ ୧୨ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ବାଧ୍ୟ ହୋଇଥିଲେ । ଦିନ ୧୨ଟାରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ଆସନ ନିକଟରେ ପହଂଚି କଳା ବ୍ୟାଜ ପିନ୍ଧି ବିରୋଧ ପ୍ରଦର୍ଶନ କରିଥିଲେ । ହାତରେ ପୋଷ୍ଟର ଧରି ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ହଟ୍ଟଗୋଳକୁ ଦେଖି ଅଧିଷ୍ଠାତା ମଣ୍ଡଳୀର ସଦସ୍ୟ ବୈଠକକୁ ଦିନ ୧୨.୪୫ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ । ଦୁଇଥର ସ୍ଥଗିତାଦେଶ ପରେ ଯେତେବେଳେ ବୈଠକ ପୁଣି ଥରେ ଆରମ୍ଭ ହେଲା, ସେତେବେଳେ ମଧ୍ୟ ଗୃହରେ ହଟ୍ଟଗୋଳ ଜାରୀ ରହିଥିଲା । ପ୍ରବଳ ହଟ୍ଟଗୋଳ ମଧ୍ୟରେ କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗୃହରେ ଖଣିଜ ଆଇନ (ସଂଶୋଧନ) ବିଲ୍, ୨୦୨୦ ପାରିତ କରିବାକୁ ପ୍ରସ୍ତାବ ରଖିଥିଲେ ଓ ଏହା ବିନା ଆଲୋଚନାରେ ଧ୍ୱନୀମତରେ ପାରିତ ହୋଇ ଯାଇଥିଲା । ଗୃହରେ ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦିବାଲା ଓ ଶୋଧନ ଅକ୍ଷମତା ସଂହିତା (ଦ୍ୱିତୀୟ ସଂଶୋଧନ) ବିଲ ୨୦୨୦ ପାସ୍ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ମଧ୍ୟ ଧ୍ୱନୀ ମତରେ ପାରିତ ହୋଇଥିଲା । ଏହା ସହିତ ଗୃହକୁ ୧୧ ମାର୍ଚ୍ଚ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଘୋଷଣା କରାଯାଇଥିଲା ।

## ପୂର୍ବତନ ବିଧାୟକ ଅନାମ ନାୟକଙ୍କୁ ଜେରା କରିବ ଇଡି

ଭୁବନେଶ୍ୱର, ୬।୩(ପି.ଏନ) : ପୂର୍ବତନ ବିଧାୟକ ଅନାମ ନାୟକଙ୍କ ଆୟ ବର୍ହିଭୂତ ସମ୍ପତି ଠୁ ଳ ମାମଲାର ତଦନ୍ତ କରିବ ଇଡି । ଭିଜିଲାନ୍ସ ପରେ ମନି ଲଣ୍ଡରିଂ କେସରେ ଅନାମଙ୍କୁ ଇଡି ଜେରା କରିବ । ତାଙ୍କ ପାଖରେ କେତେ ଟଙ୍କାର ସମ୍ପତି ରହିଛି ଓ ଆୟ କେତେ ଟଙ୍କା କରିଛନ୍ତି ସେ ବାବଦରେ ତଦନ୍ତ ହେବ । ସୂଚନାଯୋଗ୍ୟ ଗତ ଜାନୁଆରୀ ୧୭ରେ ପୂର୍ବତନ ବିଧାୟକ ଅନାମଙ୍କ ଭବାନୀପାଟଣା ସହରସ୍ଥିତ ନକଟିଗୁଡ଼ା ବାସଭବନ, ପୁରୁଣାପଡ଼ା ଛକ ନିକଟ ନିର୍ମାଣାଧୀନ ଲଜ୍ ଓ ମଦନପୁର-ରାମପୁରସ୍ଥିତ ହୋଟେଲ ଉପରେ କୋରାପୁଟ ଭିଜିଲାନ୍ସର ଏକକାଳୀନ ତିନିଟି ଟିମ୍ ଚଢ଼ାଉ କରିଥିଲା ।

## କଟକ ଏସସିବି ମେଡିକାଲରୁ ଚମ୍ପଟ୍ ମାରିଥିବା କରୋନା ସନ୍ଦିଗ୍ଧ ଠାବ

### ଆମେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ନଜର ରଖିଛୁ - କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

କଟକ, ୬।୩(ପି.ଏନ) : କଟକ ଏସସିବି ମେଡିକାଲରୁ ଚମ୍ପଟ୍ ମାରିଥିବା କରୋନା ସନ୍ଦିଗ୍ଧଙ୍କୁ ଠାବ କରାଯାଇଛି । ଭୁବନେଶ୍ୱରର ଏକ ହୋଟେଲରେ ସମ୍ପୃକ୍ତ ଆୟାରଲାଣ୍ଡ ନାଗରିକଙ୍କୁ ଠାବ କରାଯାଇଛି । ଗତକାଲି ରାତିରୁ ସମ୍ପୃକ୍ତ ବ୍ୟକ୍ତି ଜଣକ କେଉଁଆଡେ ଚମ୍ପଟ୍ ମାରିଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଅନ୍ୟପକ୍ଷରେ ଏହି ଘଟଣାରେ ଏସସିବି କର୍ତ୍ତୃପକ୍ଷ ଗୋଟିଏ କଥା କହୁଥିବା ବେଳେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଆଉ ଗୋଟିଏ କଥା କହୁଥିବା ସାମ୍ନାକୁ ଆସିଛି । ଏସସିବିର ଜରୁରୀକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଜଣକ କ୍ୟାପିଟାଲ ହସ୍ପିଟାଲରୁ ରେଫର ହୋଇ ସହଯୋଗୀଙ୍କ ସହ କଟକ ଆସିଥିଲେ । ସନ୍ଦିଗ୍ଧଙ୍କ ସହଯୋଗୀ ରେଫରାଲ୍ ଟିକେଟ୍ ନେଇ ଡ଼ାକ୍ତରଙ୍କ ନିକଟକୁ ଯାଇଥିଲେ । ସନ୍ଦିଗ୍ଧଙ୍କୁ ଆଣି ଆଡ଼ମିଟ୍ କରିବାକୁ ତାଙ୍କୁ କୁହାଯିବାରୁ ସେ ତାଙ୍କୁ ଆଣିବା ପାଇଁ ତଳ ଫ୍ଲୋରକୁ ଯାଇଥିଲେ । ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ନଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା । ସନ୍ଦିଗ୍ଧ କେଉଁଆଡେ ଫେରାର୍ ହୋଇଯାଇଥିବା ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେପଟେ ଫେରାର୍ କଥାକୁ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି । ସନ୍ଦିଗ୍ଧ ଜଣକ ଭୁବନେଶ୍ୱରର ଏକ ହୋଟେଲରେ ରହିଛନ୍ତି । ତାଙ୍କୁ ଏସସିବି ମେଡିକାଲକୁ ପଠାଯାଇଥିଲା । ହେଲେ ସେ ସେଠାରେ ଆଡମିଟ୍ ହେବାକୁ ରାଜି ନହୋଇ ଫେରିଛନ୍ତି ବୋଲି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି । କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଆମେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ନଜର ରଖିଛୁ । ସେ କାହା ସଂସ୍ପର୍ଶରେ ଆସିଛନ୍ତି ତାହା ମଧ୍ୟ ଦେଖୁଛୁ । ପ୍ରକାଶ ଥାଉ କି, ଗତକାଲି ଭୁବନେଶ୍ୱର ବିମାନ ବନ୍ଦରରେ ଯାଂଚ୍ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ତାପମାତ୍ରା ଥିବା ଜଣାପଡିବା ପରେ ସେ କରୋନା ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଥିଲା । ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଥିଲା । ପରବର୍ତି ସମୟରେ ସେଠାରୁ ତାଙ୍କୁ ଏସସିବିକୁ ରେଫର୍ କରାଯାଇଥିଲା । କିନ୍ତୁ, ଗତକାଲି ରାତିରେ ଆୟାରଲାଣ୍ଡର ଏହି ନାଗରିକ ଜଣକ ଚମ୍ପଟ୍ ମାରିଥିବା ନେଇ ମଙ୍ଗଳବାଗ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା ।

## କୁଚିଣ୍ଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ସମ୍ବଲପୁର, ୬।୩(ପି.ଏନ) : ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୁଚିଣ୍ଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ରଙ୍କ ଘରେ ଆଜି ସକାଳୁ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଛି । ଝାରସୁଗୁଡ଼ା ସହରର ଗୁଜରାଟିପଡ଼ାରେ ଜିତେନ୍ଦ୍ର ରହୁଥିବା ଭଡ଼ା ଘର ସହ କୁଚିଣ୍ଡା ସ୍ଥିତ ଏନଏସି ଅଫିସ, ସମ୍ବଲପୁରରେ ଥିବା ତାଙ୍କର ଏକ କୋଠା ଏବଂ ଅନ୍ୟ ୩ଟି ସ୍ଥାନରେ ଚଢ଼ଉ ହୋଇଥିଲା । ଭିଜିଲାନ୍ସର ୬ଟି ଟିମ୍ ଏକ ସଙ୍ଗେ ଏସବୁ ସ୍ଥାନରେ ଚଢ଼ଉ କରିଥିଲେ । ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶ କ୍ରମେ ୬ଟି ସ୍ଥାନରେ ଚଢ଼ଉ ଜାରୀ ରହିଥିବା ସୂଚନା ମିଳିଛି ।

## ଭିଡିଓ କନଫରେନ୍ସ ଜରିଆରେ କୋରୋନା ଭୂତାଣୁ ମୁକାବିଲା ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ , ୬।୩(ପି.ଏନ) : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଶୁକ୍ରବାର ଦିନ ନୂଆଦିଲ୍ଲୀଠାରେ ନୋଭେଲ କୋରୋନା ଭୂତାଣୁ ମୁକାବିଲା ଓ ପରିଚାଳନା ଦିଗରେ ନିଆଯାଇଥିବା ପଦକ୍ଷେପ ଏବଂ ପ୍ରସ୍ତୁତି ସମୀକ୍ଷା କରିଥିଲେ । ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଏହି ସମୀକ୍ଷାରେ ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟର ପ୍ରତିନିଧି, ରାଜ୍ୟ ଓକେନ୍ଦ୍ର ଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଏ ସଂକ୍ରାନ୍ତ ସମସ୍ତ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟସ୍ତରରେ କୋରୋନା ଭୂତାଣୁ ମୁକାବିଲା ଦିଗରେ ନିଆଯାଇଥିବା ଦୃଢ଼ ପଦକ୍ଷେପ ଏବଂ ପ୍ରୟାସକୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ । ଏହି ସମୀକ୍ଷା ବୈଠକରେ ବୈଦେଶିକ ବ୍ୟାପାର, ଜାହାଜ ଚଳାଚଳ, ପର୍ଯ୍ୟଟନ ମନ୍ତ୍ରଣାଳୟ ଓ ଇମିଗ୍ରେସନ ବ୍ୟୁରୋର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଯାତ୍ରା ଓ ଜନସମାବେଶକୁ ନେଇ ଜାରି ହୋଇଥିବା ମାର୍ଗଦର୍ଶିକା ଏହି ବୈଠକରେ ସମୀକ୍ଷା କରାଯାଇଥିଲା ଏବଂ ଏ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ଅବଗତ କରାଯାଇଥିଲା । ସମସ୍ତ ବିମାନ ବନ୍ଦରରେ ପ୍ରତ୍ୟେକ ଯାତ୍ରୀଙ୍କୁ ଯାଂଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ପ୍ରଭାବୀ ଯାଂଚ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିମାନବନ୍ଦର ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିମାନ ବନ୍ଦର ପରିଚାଳକଙ୍କ ସହିତ ସମନ୍ୱୟ ରକ୍ଷା କରିବା ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଶଯ୍ୟା, ପୃଥକ ୱାର୍ଡ ଉପଲବ୍ଧତା ତଥା ଅଧିକ ନମୁନା ପରୀକ୍ଷା ଲାଗି ପରୀକ୍ଷାଗାର ସୁବିଧାର ସମୀକ୍ଷା କରିଥିଲେ । କର୍ତବ୍ୟ ସମ୍ପାଦନ ସମୟରେ ଆମର ସ୍ୱାସ୍ଥ୍ୟକର୍ମୀମାନେ ଯେପରି ସଂକ୍ରମଣଠାରୁ ଭଲ ଭାବେ ସୁରକ୍ଷିତ ରହିବେ ତାହା ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡ. ହର୍ଷ ବର୍ଦ୍ଧନ ଏହି ଅବସରରେ ସୂଚନା ଦେଇଥିଲେ ଯେ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ସଂକ୍ରାନ୍ତରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି । ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଏପରି ତାଲିମ କର୍ମଶାଳା ଆୟୋଜନ କରିବା ଲାଗି ପରାମର୍ଶ ଦିଆଯାଇଥିଲା । ଏପରି ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ କେତେକ ରାଜ୍ୟ ସୂଚନା ଦେଇଥିଲେ । ସମସ୍ତ ଗଣମାଧ୍ୟମ ମଂଚ ଓ ସଂଚାର ପଦ୍ଧତି ଉପଯୋଗ କରି ମୌଳିକ ଜନ ସ୍ୱାସ୍ଥ୍ୟ ପଦକ୍ଷେପ ଯେପରିକି, ହାତ ଧୋଇବା, ଅକାରଣ ଯାତ୍ରା ଏଡ଼ାଇବା, ଜ୍ୱର, କଫ କିମ୍ବା ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେଲେ ସତର୍କ ରହିବା, ଟେବୁଲ, କମ୍ପ୍ୟୁଟର, ମୋବାଇଲ ସ୍କ୍ରିନ ଆଦି ସହଜରେ ସଂକ୍ରମିତ ହେଉଥିବା ସ୍ଥାନରେ ସ୍ୱଚ୍ଛତା ରକ୍ଷାକରିବା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା ।

## ରାଜ୍ୟସଭା ୧୧ ମାର୍ଚ୍ଚ ଯାଏ ମୁଲତବୀ

ନୂଆଦିଲ୍ଲୀ, ୬।୩(ପି.ଏନ) : ରାଜ୍ୟସଭାରେ ବିରୋଧୀ ଦଳର ସାଂସଦ ମାନଙ୍କର ହଟ୍ଟଗୋଳ ଯୋଗୁ ଶୁକ୍ରବାର ଦିନ କୌଣସି କାମ ହୋଇ ପାରି ନ ଥିଲା । ହଟ୍ଟଗୋଳ ସମାପ୍ତ ନ ହେବାରୁ ରାଜ୍ୟସଭାକୁ ଆଗାମୀ ୧୧ ମାର୍ଚ୍ଚ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶୁକ୍ରବାର ଦିନ ଗୃହ ଭେଟିବା ମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ଦିଲ୍ଲୀ ହିଂସା ପ୍ରସଙ୍ଗରେ ଗୃହରେ ଆଲୋଚନା କରିବାକୁ ଦାବି କରିଥିଲେ । ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ ଶାସକ ଏବଂ ବିରୋଧୀଙ୍କୁ ଏକ ଅର୍ଥପୂର୍ଣ୍ଣ ସମାଧାନ ପାଇଁ ଆଲୋଚନା କରିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ଏହା ଦ୍ୱାରା ଗୃହରେ ଆଲୋଚନା ଶାନ୍ତିପୂର୍ଣ୍ଣ ଭାବରେ ଲିପାରିବ । ତେବେ ବିରୋଧୀ ଦଳର ସାଂସଦ ମାନଙ୍କର ଉପରେ ଏହାର କୌଣସି ପ୍ରକାର ପ୍ରଭାବ ପଡି ନ ଥିଲା ଓ ସେମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ଏହା ଫଳରେ ଉପ ରାଷ୍ଟ୍ରପତି ବାଧ ହୋଇ ଗୃହକୁ ଆଗାମୀ ମାର୍ଚ୍ଚ ୧୧ ତାରିଖ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ ଆଗାମୀ ୧୦ ମାର୍ଚ୍ଚ ଦିନ ହୋଲି ପଡୁଥିବାରୁ ଗୃହର ଆଗାମୀ ବୈଠକ ୧୧ ମାର୍ଚ୍ଚରେ ହେବ ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ, ୬।୩(ପି.ଏନ) : ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଦିନ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କୁ ଭେଟିଛନ୍ତି । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଉଭୟଙ୍କ ସାକ୍ଷାତର ଫଟୋ ଟ୍ୱିଟରରେ ଶେୟାର କରାଯାଇଛି । ସୂଚନାଯୋଗ୍ୟ ଯେ ଗୁରୁବାର ପୂର୍ବରୁ ଆଦିତ୍ୟନାଥ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।




ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ 'ଦି ଆଡ଼ଭେନଚରର୍ସ ଅଫ ଡେୟାରଡେଭିଲ ଡେମୋକ୍ରାଟ' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି

## ପାଣିପାଗ ବିଭାଗର ପୂର୍ବାନୁମାନ : ତିନି ଦିନ ଧରି ଲାଗି ରହିବ ବର୍ଷା

ଭୁବନେଶ୍ୱର , ୬।୩(ପି.ଏନ) : ଘୂର୍ଣ୍ଣିବଳୟ ପ୍ରଭାବରେ ସାରା ରାଜ୍ୟରେ ଆଗାମୀ ତିନି ଦିନ ଧରି ବର୍ଷା ଲାଗି ରହିବାର ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଭାଗର କାର୍ଯ୍ୟାଳୟ । କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ଓ ଆସନ୍ତାକାଲି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହି ଥିବା ବେଳେ ୮ ତାରିଖରେ କେବଳ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହୋଇପାରେ । ଏହି ଜିଲ୍ଲାଗୁଡ଼ିକ ହେଲା- କୋରାପୁଟ, ଗଞ୍ଜାମ, ଗଜପତି ଓ କନ୍ଧମାଳ । ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ବଜ୍ରପାତ ନେଇ କିଛି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ଭଦ୍ରକ, କଟକ, ଢେଙ୍କାନାଳ,ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର ଜିଲ୍ଲା । ଏହାସହ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଶନିବାର ଦିନ ଉପକୂଳବର୍ତୀ ଓଡ଼ିଶାର ଅଧିକାଂଶ ସ୍ଥାନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏହାବ୍ୟତୀତ ୭ ତାରିଖରେ ଉପକୂଳବର୍ତୀ ଓଡ଼ିଶା ସହ କେନ୍ଦୁଝର,ମୟୂରଭଞ୍ଜ, ଢେଙ୍କାନାଳ ଓ ଅନୁଗୁଳରେ ବଜ୍ରପାତ ସହ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

## ଓଡିଶାର ଚରୋଟି ରାଜ୍ୟସଭା ସିଟରେ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୬।୩(ପି.ଏନ) : ଆସନ୍ତା ମାର୍ଚ୍ଚ ୨୬ରେ ରାଜ୍ୟର ଚୋରୋଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଲାଗି ଶୁକ୍ରବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିର୍ବାଚନ ପାଇଁ ନିର୍ବାଚନ କମିଶନ ପକ୍ଷରୁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ ହୋଇଥିବା ଦାଶରଥୀ ଶତପଥୀ ଆଜି ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହା ସହିତ ମୋଟ ୧୭ଟି ରାଜ୍ୟର ୫୫ଟି ରାଜ୍ୟସଭା ଆସନ ପାଇଁ ମଧ୍ୟ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୧୩, ୨୦୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୧୬, ୨୦୨୦ରେ ନାମାଙ୍କନପତ୍ର ଯାଂଚ କରାଯିବ । ସେହିପରି ମାର୍ଚ୍ଚ ୧୮, ୨୦୨୦ରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୨୬, ୨୦୨୦ରେ ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଅପରାହ୍ନ ୫ଟାରେ ଭୋଟ ଗଣତି ହେବ । ମାର୍ଚ୍ଚ ୩୦, ୨୦୨୦ ସୁଦ୍ଧା ନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟା ଶେଷ ହେବ । ସୂଚନାଯୋଗ୍ୟ, ଲୋକସଭା ସାଂସଦ ହେବା ପରେ ଅନୁଭବ ମହାନ୍ତିଙ୍କ ରାଜ୍ୟସଭା ଆସନ ଖାଲିପଡ଼ିଛି । ସେହିପରି ବିଜେଡି ନେତା ନରେନ୍ଦ୍ର କୁମାର ସ୍ୱାଇଁ , ସରୋଜିନୀ ହେମ୍ବ୍ରମ୍ ଏବଂ କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଓଡ଼ିଶାର ୪ଟି ଆସନ ପାଇଁ ଏହି ନିର୍ବାଚନ ହେବ । ଉଲ୍ଲେଖନୀୟ ଯେ ଏହି ନିର୍ବାଚନ ପାଇଁ ନିର୍ବାଚନ କମିଶନର ଗତ ୩ ତାରିଖ ଦିନ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କୁ ରିଟର୍ଣ୍ଣିଂ ଅଫିସର , ଶିଶିରକାନ୍ତ ସ୍ୱାଇଁ ସହକାରୀ ରିଟର୍ଣ୍ଣିଂ ଅଫିସର ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ନିର୍ବାଚନର ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କମିଶନର ନିଯୁକ୍ତି ଦେଇଥିଲେ ।

## ଓଡ଼ିଶା-ମୋ ପରିବାରର ସହଯୋଗରେ ବେଙ୍ଗାଲୁରୁରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତ ଶରୀର

ଭୁବନେଶ୍ୱର, ୬।୩(ପି.ଏନ) : ଓଡ଼ିଶା-ମୋ ପରିବାର ଉଦ୍ୟମରେ ବେଙ୍ଗାଲୁରୁରେ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଶ୍ରମିକଙ୍କ ମୃତ ଶରୀର ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଲା । ଏଠାରେ ସୂଚନାଯୋଗ୍ୟ ଯେ, ବେଙ୍ଗାଲୁରୁର ଏକ ଏଲ.ଇ.ଡି ଫ୍ୟାକ୍ଟ୍ରିରେ କାମ କରୁଥିବା ଗଂଜାମ ଦିଗପହଣ୍ଡିର ପତଣ୍ଡା ଗ୍ରାମର ଓଡ଼ିଆ ଶ୍ରମିକ ସିକା ସନାତନଙ୍କର ଗତ ମାର୍ଚ୍ଚ ୪ ତାରିଖରେ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ପାଇ ଶୋକସନ୍ତପ୍ତ ପରିବାର ଲୋକ ତାଙ୍କର ମୃତ ଶରୀରକୁ ଓଡ଼ିଶା ଫେରାଇ ଆଣିବାକୁ ଚାହିଁଥିଲେ । କିନ୍ତୁ ସେଥିପାଇଁ ବିଭିନ୍ନ ପ୍ରକାର ଅସୁବିଧା ସୃଷ୍ଟି ହେଉଥିଲା । ଏହି ଖବର ବାଚସ୍ପତି ତଥା ଦିଗପହଣ୍ଡି ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପାଖରେ ପହଂଚିଥିଲା । ଶ୍ରୀ ପାତ୍ର ସଂଗେ ସଂଗେ ଏହାକୁ ଓଡ଼ିଶା-ମୋ ପରିବାର ଆବାହକ ଅନରୂପ ପଟ୍ଟନାୟକଙ୍କୁ ଜଣାଇଥିଲେ । ଶ୍ରୀ ପଟ୍ଟନାୟକ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୂଚିତ କରିଥିଲେ । ଶେଷରେ ସମସ୍ତଙ୍କ ମିଳିତ ପ୍ରୟାସରେ ସ୍ୱର୍ଗତ ସନାତନଙ୍କ ମୃତ ଶରୀର ଆଜି ବିମାନ ଯୋଗେ ବେଙ୍ଗାଲୁରୁରୁ ବାହାରି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ୨ଟା ୨୦ ମିନିଟ୍‌ରେ ପହଂଚିଥିଲା । ବିମାନ ବନ୍ଦରରେ ଓଡ଼ିଶା ମୋ ପରିବାରର ସହ-ଆବାହାକ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ସଦସ୍ୟା ଶ୍ରୀମତୀ ଡେଜାଲିନ୍ ମହାପାତ୍ର ଏବଂ ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ ଓ ସମାଜସେବୀ ସମୀର ପ୍ରଧାନ ପ୍ରମୁଖ ପହଂଚି ମୃତ ଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ତରଫରୁ କିଛି ଆର୍ଥିକ ସହାୟତତା ପ୍ରଦାନ କରିଥିଲେ । ମୃତ ଶରୀର ତାଙ୍କ ଗ୍ରାମ ପତଣ୍ଡାକୁ ଫେରାଇ ନେବାପାଇଁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା ମଧ୍ୟ କରିଦେଇଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ବାଚସ୍ପତି ଶ୍ରୀ ପାତ୍ର ତଥା ଓଡ଼ିଶା-ମୋ ପରିବାରର ପ୍ରୟାସ ଫଳରେ ମୃତ ଶରୀର ନିଜ ଗାଁକୁ ଫେରି ଆସିଥିବା ଯୋଗୁଁ ମୃତକଙ୍କ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଦିଲ୍ଲୀ ହିଂସାକୁ ନେଇ ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସଂସଦ ପରିସରରେ କଂଗ୍ରେସ ପକ୍ଷରୁ ବିରୋଧ ପ୍ରଦର୍ଶନ

ନୂଆଦିଲ୍ଲୀ, ୬।୩(ପି.ଏନ) : ଦିଲ୍ଲୀ ହିଂସାକୁ ନେଇ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ । କଂଗ୍ରେସ ସଦସ୍ୟମାନେ ଶୁକ୍ରବାର ଦିନ ସଂସଦ ଭବନ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ସମ୍ମୁଖରେ 'ଇନସାଫ ଦୋ - ଇନସାଫ ଦୋ' ସ୍ଲୋଗାନ ଦେଇ ବିରୋଧ ପ୍ରଦର୍ଶନ କରିଛନ୍ତି । ସଂସଦ ଭବନ ପରିସରରେ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳର ସାଂସଦମାନେ ବିଭିନ୍ନ ସ୍ଲୋଗାନ ଦେଇ ଦିଲ୍ଲୀ ହିଂସା ଉପରେ କେନ୍ଦ୍ର ସରକାରଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି । ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ ଦେଶର ରାଜଧାନୀରେ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଗୃହମନ୍ତ୍ରୀ ବିଫଳ ହୋଇଛନ୍ତି । ତାଙ୍କର ବିଫଳତା ହେତୁ ଦିଲ୍ଲୀର ଉ ର-ପୂର୍ବ ଅ ଳରେ ହିଂସା ଆରମ୍ଭ ହୋଇ ହଇରାଣ ହରକତ ହୋଇ ୪୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୨୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ତାଙ୍କ ବିଫଳତା ପାଇଁ ନୈତିକ ଦାୟିତ୍ୱ ନେଇ ଗୃହମନ୍ତ୍ରୀ ତୁରନ୍ତ ପ୍ରଭାବରୁ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଛନ୍ତି ।








# ଟି ଟାଇମ୍

## ପଲ୍ଲୀ କବି ନନ୍ଦ କିଶୋର ବଳ

ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତ କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକେ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

## 'ଦି ଇଣ୍ଟରଭ୍ୟୁ ଟାଇମ' ପକ୍ଷରୁ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୦



ଫଟୋ : ଶୁଭେନ୍ଦୁ

ଭୁବନେଶ୍ୱର: ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା କିଛି ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଅଗ୍ରଣୀ ଇଂରାଜୀ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ଉତ୍ସବ ୨୦୨୦ ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବରେ ମାନ୍ୟବର ମନ୍ତ୍ରୀ (ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ଡଃ. ଅଚ୍ୟୁତ ସାମନ୍ତ (ମାନ୍ୟବର ସାଂସଦ କନ୍ଧମାଳ), ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ (ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ସରକାର), ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ (ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା), ଶ୍ରୀଯୁକ୍ତ ପ୍ରଣବ କୁମାର ଦାସ (ମୁଖ୍ୟ କମିଶନର, ଆୟକର ବିଭାଗ), ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର (ମାନ୍ୟବର ସଚିବ, ଇ ଆଣ୍ଡ ଆଇଟି), ଶ୍ରୀଯୁକ୍ତ ପ୍ରଦୀପ୍ତ ମହାନ୍ତି (ଅଧ୍ୟକ୍ଷ, ଏସ୍‌ଏନ୍‌ଏମ୍ ଗ୍ରୁପ୍), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା, ଫାଲ୍‌କନ୍ ମେରାଇନ୍), ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ (ପୂର୍ବତନ ବିଧାୟକ) ଏବଂ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି (ବରିଷ୍ଠ ସାରସ୍ୱତ ସାଧକ) ପ୍ରମୁଖ ଯୋଗ ଦେଇଥିଲେ । ପତ୍ରିକାର ସମୂହ ସମ୍ପାଦକ ଶ୍ରୀ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଭା କାର୍ଯ୍ୟ ପରେ ପରେ ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୦'ରେ ସମ୍ମାନିତ କରାଯାଇଥିଲା । ଏଥିସହିତ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ କରାଯିବା ସହ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ୍ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ 'ଗ୍ଲାଡିଏଟର୍ ୱାରିଅର'ର ଲୋକାର୍ପଣ କରାଯାଇଥିଲା । ପତ୍ରିକାର ସହସମ୍ପାଦକ ଶ୍ରୀ ଶୁଭୋଜିତ୍ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




# ବାଲେଶ୍ୱରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ: ଜବରଦଖଲକାରୀଙ୍କୁ ପ୍ରୋତ୍ସାହନ

ବାଲେଶ୍ୱର (ପିଏନ) :ବାଲେଶ୍ୱରରେ ଟ୍ରାଫିକ୍ ଥାନାର ଅନତୀ ଦୂରରେ ରହିଛି ଗୋଟିଏ ପେଟ୍ରୋଲପମ୍ପ । ଯେଉଁଠିକି ୫/୧୦ଟିରୁ ଅଧିକ ବସ୍ ରାସ୍ତାର ଦୁଇ ଧାରକୁ ଅବରୋଧ କରି ଗାଡ଼ି ପାର୍କିଂ କରିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି । କିଛିଦିନ ପୂର୍ବେ ଏଠାରେ ୨ଜଣଙ୍କର ପ୍ରାଣହାନୀମଧ ଘଟିଥିଲା । ପୁରୁଣା ସଦରଥାନା ଛକଠାରୁ ଫକୀରମୋହନ ଗୋଲେଇ ଓ ଫାଣ୍ଡିବଜାର ପର୍ଯ୍ୟନ୍ତ ଥିବା ରାସ୍ତାକଡ଼ ଜବରଦଖଲ କାରୀଙ୍କ କବଳରେ ରହିଛି ।ଯେଉଠି କି କିଛି ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀ ପସରା ମେଲାଇଛନ୍ତି । ଏମାନଙ୍କୁ ଏମାନଙ୍କଠାରୁ ମୋଟା ଅଙ୍କର ବଟି ନିଆଯାଇ ଟ୍ରାଫିକ୍ ପୁଲିସ ଏହି ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଫଳରେ ଜବରଦଖଲ ବଢିଚାଲିଛି । ସେହିପରି ପୁରୁଣା ସଦରଥାନା ଅର୍ଥାତ୍ ଟ୍ରାଫିକ୍‌ଥାନା ଛକଠାରୁ ଆଇଟିଆଇ ପର୍ଯ୍ୟନ୍ତ ଆସିଥିବା ରାସ୍ତାରେ ମଧ ଅନୁରୂପ ଅବସ୍ଥା। ଏଠାରେ ଥିବା ବିଜୁପଟ୍ଟନାୟକ ପାର୍କ ଓ ସତ୍ୟସାଇ ସ୍କୁଲ ଓ ଆଇଟିଆଇ ଛକରେ ରାସ୍ତା ଧାରରେ ପର୍ଯ୍ୟାପ୍ତ ପରିମାଣର ବାଲି ଚିପ୍ସ, ମେଟାଲ,ଗୋଡ଼ି ଆଦି ମହଜୁଦ୍ କରାଯିବା ସହ ଟ୍ରାଫିକ ନିୟମ ଉଲ୍ଲଘନ କରି ରାସ୍ତାର ବିପରୀତ ଦିଗରେ ଗାଡ଼ିମଟର ରଖି ଲୋଡ଼ିଂ, ଅନ୍‌ଲୋଡ଼ିଂ ମଧ ଚାଲିଛି । ଏସବୁ ଟାଫ୍ରିକ୍ ପୁଲିସ ଓ ମୋବାଇଲ୍ ପୁଲିସ୍ ପେଟ୍ରୋଲିଂର ନଜର ଆଢୁଆଳରେ ଥିଲେ ମଧ ନୀରିହ ଗାଡ଼ିଚାଳକଙ୍କୁ ଅଟକ ରଖି ସେମାନଙ୍କୁ ନାନା ନିର୍ଯାତନା, ଦୁର୍ବ୍ୟବହାର ଓ ଜରିମାନା ଆଦାୟ କରି ସରକାରୀ ତହବିଲ୍‌କୁ କିଛି ଅର୍ଥ ଦେଇ କିଛି ଅର୍ଥ ବାଟମରଣା କରିବା ଏକ ନିତିଦିନିଆ ଘଟଣା ପାଲଟିଛି । ଏବେ ଓଟି ରୋଡ଼ ଦୁର୍ଘଟଣା ପ୍ରବଣ ହୋଇପଡ଼ିଛି । ବେଧଡ଼କ ଗାଡ଼ି ଚାଳଣା ସାଙ୍ଗକୁ ରୋଡ଼ ରମୀୟଙ୍କ ଉପ୍ାତ ଦିନକୁ ଦିନ ବଢିବାରେ ଲାଗିଛି । ଓଟିରୋଡ଼ରୁ ୨ଧାରରେ ଦୋକାନ ବଜାର ଥିବା ଯୋଗୁଁ ଅଧିକାଂଶ ସମୟରେ ପଥଚାରୀ ଗାଡ଼ିଧକ୍କାର ଶିକାର ହୋଇଛନ୍ତି । ଯେଉଁ ପରିମାଣରେ ହମ୍ପସ୍ ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ରହିବାକଥା ତାହା ଏଠାରେ ପାଳନ କରାଯାଉନଥିବାରୁ ପ୍ରତ୍ୟେହ ଦୁର୍ଘଟଣା ଘଟୁଛି । ପୂର୍ବରୁ ଟ୍ରାଫିକ୍ ଛକଠାରୁ ସେଣ୍ଟ୍ରାଲ୍ ସ୍କୁଲ ପର୍ଯ୍ୟନ୍ତ ଥିବା ରାସ୍ତା ଦୁର୍ଘଟଣା ଯୋଗୁଁ ରାସ୍ତାରେ ହମ୍ପସ୍ ନିର୍ମାଣ ହେବା ଫଳରେ କିଛିମାତ୍ରାରେ ଏହି ରାସ୍ତାରେ ଦୁର୍ଘଟଣା କମିଛି । ସେହିପରି ଓଟିରୋଡ଼୍‌କୁ ସଂଯୋଗ କରୁଥିବା ଟ୍ରାଫିକ୍ ଥାନା ଚତୁଃପାର୍ଶ୍ୱରେ ବେଆଇନ୍ ରାସ୍ତା ଅବରୋଧକୁ ରୋକିବା ପାଇଁ ଉଚ୍ଚ ଅଧିକାରୀଙ୍କର ଆଗ୍ରହ ହେଉନଥିବା ଜଣାପଡ଼ିଛି । ଜିଲ୍ଲା ଶିଳ୍ପକେନ୍ଦ୍ର ସମ୍ମୁଖ ଓଟିରୋଡ଼ ପାର୍ଶ୍ୱରେ ଏବେ ଛୋଟବଡ଼ ହୋଟେଲ ଆଦି ଗଢି ଉଠୁଛି । ହୋଟେଲ ଯୋଗୁଁ ରାସ୍ତା ଉପରେ ୪ଚକିଆ ଓ ୨ଚକିଆ ଯାନର ରାସ୍ତା ଅବରୋଧ ବଢି ଚାଲିଛି ।ଏମାନଙ୍କ ଠାରୁ ଟ୍ରାଫିକ୍ ପୁଲିସ ନିୟମିତ ବଟି ନେଉଥିବାର ଅଭିଯୋଗ ହୁଏ ।ନିରୀହ ଲୋକଙ୍କ ଠାରୁ ଟ୍ରାଫିକ୍ ନିୟମ ଉଲଂଘନ ନାମରେ ଜରିମାନା ଆଦାୟ କରାଯାଉଥିବା ବେଳେ ଟ୍ରାଫିକ୍ ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ ପୁଲିସ୍, ପ୍ରଶାସନର ଆଦୌ ଆନ୍ତରିକତା ନଥିବା ଅନୁମାନ କରାଯାଏ ।

# ଫଳକରେ ସୀମିତ ଉଠାଜଳସେଚନ ପ୍ରକଳ୍ପ

ଧର୍ମଶାଳା ୬/୩( ପି ଏନ)-ଚାଷୀ ଓ ଚାଷର ଉନ୍ନତିପାଇଁ ଉଠାଜଳସେଚନ ବିଭାଗ କାର୍ଯ୍ୟରତ ଅଛି। ଚାଷଜମିକୁ ଜଳସେଚିତ କରିବା ଲକ୍ଷରେ ଏହି ବିଭାଗ ଜରିଆରେ ରାଜ୍ୟ ସରକାର କୋଟିକୋଟି ଟଙ୍କା ଅର୍ଥ ବିନିଯୋଗ କରୁଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ଏ ସବୁ ଯୋଜନା କେତେ ସଫଳ ହେଉଛି ତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ଓ ଠିକାଦାରଙ୍କ ମରାମତି ଅଭାବ ଯୋଗୁଁ ଫଳକରେ ସୀମିତ ହୋଇ ପଡିଛି ପ୍ରକଳ୍ପ କାର୍ଯ୍ୟ ଏମିତିକି ସୁଚନା ଫଳକରେ ପ୍ରକଳ୍ପର ଶେଷ ତାରିଖ କିମ୍ବା ଖର୍ଚ୍ଚର ପରିମାଣ ଲେଖା ଯାଇନି। ଫଳରେ ସଠିକ୍ ସମୟରେ ସରକାରଙ୍କ ଲକ୍ଷ୍ୟ ଓ ଚାଷୀର ଆବଶ୍ୟକତା ପୂରଣ ହୋଇପାରୁନଥିବା ଧର୍ମଶାଳା ଉଠ ଜଳ ସେଚନ ଉପଖଣ୍ଡ ଅଧିନସ୍ଥ ଧର୍ମଶାଳା ସେକସ୍ନନରେ୍ ଦେଖିବାକୁ ମିଳିଛୁି। ସୂଚନା ଯୋଗ୍ୟ, ଧର୍ମଶାଳା ବ୍ଲକର ଗଙ୍ଗାଧରପୁର ପ-ାୟତ ଅନ୍ତର୍ଗତ। ପଲାର ମୌଜାରେ ଥିବା ଚାଷୀ ମାନଙ୍କ ଚାଷୀ ଜମିକୁ ଜଳସେଚନା କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କର ଯୋଜନା ଅର୍ଥ ବିନିଯୋଗରେ ଧର୍ମଶାଳା ଉଠା ଜଳସେଚନ ଉପଖଣ୍ଡ ଅଧିନସ୍ଥ ଧର୍ମଶାଳା ସେକ୍‌ସନ୍ ପକ୍ଷ୍ୟରୁ ପଲାର ନଦୀ ପ୍ରକଳ୍ପ ନିମନ୍ତେ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା। ସ୍ଥାନୀୟ ଅ-ଳର ୪୦ ଜଣ ଚାଷୀଙ୍କୁ ନେଇ ସପ୍ନେଶ୍ୱର ପାଣୀ ପ-ାୟତ ଗଠନ କରାଯାଇଥିଲା। ୨୦ ହେକ୍ଟର ଚାଷ ଜମିକୁ ଜଳ ସେଚିତ କରିବା ଉର୍ଦ୍ଧେଶ୍ୟରେ ୧୩ ଲକ୍ଷ୍ୟ ୩୭ ହଜାର ଟଙ୍କା ବିନିଯୋଗରେ ପଲାର ନଦୀ ପ୍ରକଳ୍ପ କାର୍ଯ୍ୟ ଗତବର୍ଷ ନଭେମ୍ବର ୨୮ ତାରିଖରେ ଆରମ୍ଭ ହୋଇଥିଲା। ବଡପାଣି ମଟର ଜରିଆରେ ନିକଟସ୍ଥ ହାଇଲେବୁଲ କେନାଲରୁ ପାଣି ଉଠାଯାଇ ପାଇପ ସଂଯୋଗ କରି ପାର୍ଶ୍ୱସ୍ଥ ଚାଷଜମିରେ ୧୦ଟି ପଏଣ୍ଟ ଜରିଆରେ ପାଣି ନିକାଷନ ଓ ମଡାଣ ଏହାର ଲକ୍ଷ୍ୟ ରହିଥିଲା। ଏହା ମଧ୍ୟରେ ବର୍ଷେ ପୁରିଗଲାଣି । ବର୍ଷକ ମଧ୍ୟରେ କେବଳ ଏକ ୨୫ କେଭିର ନୁତନ ଟାସ୍ନସପରମର୍ ସ୍ଥାପନ କରାଯାଇଛି। କିନ୍ତୁ ଆଉ କୌଣସି କାର୍ଯ୍ୟ ଆଗେଇ ପାରୁନି। ୩ ମାସ ମଧ୍ୟରେ ପ୍ରକଳ୍ପଟି ଶେଷ ହେବା ପରିବର୍ତ୍ତେ ୧୫ ମାସ ପରେବି କାର୍ଯ୍ୟ କୌଣସି ଅଗ୍ରଗତି ହୋଇପାରିନାହିଁ। ଠିକାଦାରଙ୍କ ଅପାରଗତା ଓ ଦାହିତ୍ୱହୀନତା ଯୋଗୁଁ ଏହାର ବିଳମ୍ବ ଘଟୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତ। ଏହି ସଂପର୍କରେ ସହକାରୀ ଜନ୍ତ୍ରୀ ଏସ୍ ମହାଳିକଙ୍କୁ ପଚାରିବାରୁ ବିଳମ୍ବ ନେଇ ସପୃକ୍ତ ଠିକାଦାରଙ୍କୁ ନୋଟିସ୍ କରାଯାଇଛି। ବ୍ୟକ୍ତିଗତ ସମସ୍ୟା ପାଇଁ ସେ ଏହାକୁ କରିପାରିନାହାନ୍ତି ବୋଲି ସଫେଇ ଦେଇଥିଲେ। ଖୁବ୍ ଶ୍ରୀଘ ସେ କାମ ଆରମ୍ଭ କରିବେ ଏବଂ ଚଳିତ ମାସ ଶେଷ ସୁଧା ଶେଷ କରିବେ ବୋଲି ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଚକ୍ଷୁ ବିଭାଗ ପ୍ରଫେସର ଦୀର୍ଘଦିନ ଛୁଟିରେ : ଏସ୍.ସି.ବି. ମେଡ଼ିକାଲ କଲେଜର ଚକ୍ଷୁ ବିଭାଗରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନିରାସ

ବାଲେଶ୍ୱର(ପିଏନ) : ରାଜ୍ୟ ସରକାର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବାର ସୁଧାର ଆଣିବା ପାଇଁ ନାନବିଧ ପଦକ୍ଷେପ ନେଉଥିବା ବେଳେ ଖୋଦ୍ ରାଜ୍ୟର ମୁଖ୍ୟ ପ୍ରାଣକେନ୍ଦ୍ର କଟକ ବଡ଼ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟସ୍ତ ପରିସ୍ଥିତି ସରକାରଙ୍କ ନଜରକୁ ଆସୁ ନାହିଁ ।ଏଠାରେ ଥିବା ଚକ୍ଷୁ ଚିକିତ୍ସା ବିଭାଗର ସମସ୍ତ ଯନ୍ତ୍ରପାତି ଅଚଳବୋଲି କହି ଖୋଦ୍ ପ୍ରଫେସର ନିଜ କ୍ଲିନିକ୍‌କୁ ପେସେଣ୍ଟମାନଙ୍କୁ ଡକାଇ ଚକ୍ଷୁ ସ୍କେନିଂ ବାବଦରେ ଆଖିପିଛା ୨ହଜାର ଟଙ୍କା ଓ ପରାମର୍ଶ ପାଇଁ ୩ଶହ ଟଙ୍କା ଖୋଲାଖୋଲି ନେଉଛନ୍ତି ।ଏପରିକି ଖୋଦ୍ ପ୍ରଫେସର ଜଣଙ୍କ ମାସମାସ ଧରି କଟକ ବଡ଼ଡାକ୍ତରଖାନାରୁ ଛୁଟି ନେଇ ନିଜ କ୍ଲିନିକ୍‌ରେ ରୋଗୀ ଦେଖା ଚଳାଇଛନ୍ତି ।ଗରୀବ ଲୋକେ ଚକ୍ଷୁ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନାକୁ ଆସି ହତାଶ ହୋଇ ଫେରୁଛନ୍ତି । ଏବାବଦରେ ପୂର୍ବରୁ ଖବରକାଗଜରେ ସମ୍ବାଦ ପ୍ରସାରଣ ହୋଇଥିଲେ ମଧ ଏହାର ସୁଧାର ଆସି ନାହିଁ । ବିଜୁବାବୁଙ୍କ ଜୟନ୍ତି ପାଳନ ବେଳେ ମୁଖ୍ୟମନ୍ତ୍ରୀ କଟକ ବଡ଼ଡାକ୍ତରଖାନର ବିକାଶ ବାବଦରେ ନାନା ପଦକ୍ଷେପ ନେବେ ବୋଲି ଘୋଷଣା କରିଥିବା ବେଳେ ଖୋଦ୍ ବଡ଼ଡାକ୍ତରଖାନାରେ କେବଳ ଚକ୍ଷୁବିଭାଗ ନୁହେଁ ଅନ୍ୟସମସ୍ତ ବିଭାଗରେ ମଧ ଏହିଭଳି ବେପରୁଆ ପରିସ୍ଥିତି ଦେଖିବାକୁ ମିଳୁଛି । ଚକ୍ଷୁ ବିଭାଗରେ ଥିବା ରୋଗୀଙ୍କ ୱାର୍ଡ ସଂଲଗ୍ନ ଶୌଚାଳୟ ଅତି ନିମ୍ନମାନର ଓ ଏଠାରେ ପାଣି ଓ ପାଇଖାନା ଠିକ୍‌ଭାବେ କାର୍ଯ୍ୟକ୍ଷମ ହେଉନାହିଁ । ସେହିପରି ୱାର୍ଡରେ ଥିବା ପଙ୍ଖାମଧ ଠିକ୍‌ଭାବେ ଚାଲୁ ନାହିଁ । ଦୁର୍ଦ୍ଦଶାକୁ ଆପଣେଇ ନେଇ ଚିକିତ୍ସାଧିନ ରୋଗୀ କେବଳ ମାଗଣା ଚିକିତ୍ସା ପାଇବା ପାଇଁ ଡାକ୍ତରଖାନାରେ ଭରସା ବାନ୍ଧିଥିଲା ବେଳେ ଖୋଦ୍ ବିଶେଷଜ୍ଞଙ୍କ ଅନୁପସ୍ଥିତି ଏଥିରେ ଅନ୍ତରାୟ ସାଜିଛି । ଯେଉଁ ବିଭାଗର ବିଶେଷଜ୍ଞ ଛୁଟିରେ ଯାଉଛନ୍ତି ତାଙ୍କ ସ୍ଥାନରେ ଅନ୍ୟ ବିଶେଷଜ୍ଞଙ୍କୁ ଦାୟିତ୍ୱ ଦିଆଯିବା କଥା ଚକ୍ଷୁଭଳି ଏକ ମୂଲ୍ୟବାନ୍ ସମ୍ପଦକୁ ନେଇ ଖେଳଖେଳିବା କେତେଦୂର ସମିଚିନ । ଏବେ ଚକ୍ଷୁ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ମାଗଣା ଇଂଜେକ୍‌ସନ୍ ଉପଲବ୍ଧ ହେଉଥିବା ବେଳେ ଏହା ପ୍ରାୟତଃ ଅଳ୍ପଦିନ ମଧରେ ଉଭାନ ହୋଇଯାଉଛି । କିନ୍ତୁ ପ୍ରଫେସରଙ୍କର ଦେଖାଦର୍ଶନ ନାହିଁ । ଏବାବଦରେ ସ୍ୱାସ୍ଥ୍ୟମନ୍ତ୍ରୀ , ସ୍ୱାସ୍ଥ୍ୟ ନିର୍ଦ୍ଦେଷକ, ୫-ଟି ସଚୀବ ଓ ଖୋଦ୍ ମୁଖ୍ୟମନ୍ତ୍ରୀ ଧାରଣା ଦେବାକୁ ରୋଗୀମାନଙ୍କ ପକ୍ଷରୁ ଦାବି ହେଉଛି । ଯେପରି ସରକାରୀ ସୁବିଧା ସୁଯୋଗ ଓ ଚିକିତ୍ସା ସେବା ସାଧାରଣ ରୋଗୀ ପାଇପାରିବେ ସେ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଯତ୍ନବାନ ହେଲେ ଯାଇ ସରକାରଙ୍କ ପ୍ରତିଶୃତି ଫଳବତୀ ହୋଇପାରିବ ।

## ଧର୍ମଶାଳା ବ୍ଲକରେ ପଞ୍ଚାୟତିରାଜ ଦିବସ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ସ୍ମିତା ରଥ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପରେ ଆୟୋଜିତ ସଭାରେ ସଭାପତିତ୍ୱ କରି ବିଡିଓ ପଞ୍ଚାୟତିରାଜ ଦିବସ ଓ ବିଜୁ ବାବୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥଲେ । ଏବିଡିଓ ଅସିତ୍ କୁମାର ପାତ୍ର,ସହକାରୀ ନର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି,ଜିପିଇଓ ଦିବ୍ୟାକାନ୍ତି ମିଶ୍ର,ହିସାବ ରକ୍ଷକ ନବକିଶୋର ସାହୁ,କର୍ମଚାରୀ ଅଭୟ ମହାନ୍ତି,ନିର୍ମଳ ଚନ୍ଦ୍ର ପଣ୍ଡା,ରତିକାନ୍ତ ଜେନା,ଅଭିଜିତ୍ ସାହୁ,ସଦାନନ୍ଦ ଜେନା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଗୁଳି ଭର୍ତ୍ତି ଦେଶୀବନ୍ଧୁକ ସହ ୧ ଗିରଫ

ବାଲେଶ୍ୱର (ପିଏନ) :କୁଲଡ଼ିହା ଅଭୟାରଣ୍ୟ ଭିତରେ ଦିନକୁ ଦିନ ଶୀକାରୀ ମାନଙ୍କ ପାର୍ଦୁଭାବ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବୁଧବାର ଭୋର ସମୟରେ ତେଲିପାଳ ପଞ୍ଚାୟତର ପୁଟିବନ୍ଦ ଗ୍ରାମର ଘାସିରାମ ସିଂର ପୁଅ ସୁନସୀ ସିଂ ଶିକାର ପାଇଁ ଏକ ଗୁଳିଭର୍ତ୍ତି ଦେଶୀ ବନ୍ଧୁକ ନେଇ ଯାଉଥିବା ବେଳେ ବନ ବିଭାଗ ହାତରେ ଧରାପଡିଛି । ବନ ବିଭାଗ ବନ୍ଧୁକସହ ମୁନସୀକୁ ଗିରଫ କରି ୩୩କେ /୨୦ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଚଢ଼ାଉରେ କୁଲଡ଼ିହ ଫରେଷ୍ଟର ପରମାନନ୍ଦ ନାୟକ, ଗାର୍ଡ ଫୁଲମଣୀ ମୁର୍ମୁ , ଆୟୁଷ୍ମାନ ପଣ୍ଡା ସମେତ ସବୁଜ ବାହୀନୀ ସାମିଲ ଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସମ୍ମିଳନୀ ଘୁଂଚିଲା

କେନ୍ଦୁଝର, (ପିଏନ) : କେନ୍ଦୁଝର ଜିଲ୍ଲା ସଦର ମହକୁମାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ସମ୍ମିଳନୀ ଆସନ୍ତା ୧୧.୦୩.୨୦୨୦ରିଖ ସ୍ଥାନୀୟ ତୈଳିକ ବୈଶ୍ୟ ସମାଜ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା । ମାତ୍ର କେତେକ ଅନିର୍ବାଜ୍ୟ କାରଣରୁ ତାହା ସ୍ଥଗିତ ରଖାଗଲା ଓ ତା ପରିବର୍ତେ ଆସନ୍ତା ୧୮.୦୩.୨୦୨୦ (ବୁଧବାର) ଉପରୋକ୍ତ ସ୍ଥାନରେ ହେବା ପାଇଁ ସ୍ଥିରକରାଯାଇଥିଲା । ଏଣୁ ସମସ୍ତ ସଭ୍ୟ ମାନଙ୍କୁ ଉକ୍ତ ସମ୍ମିଳନୀରେ ଯୋଗ ଦେବା ପାଇଁ କର୍ମଚାରୀ ସଂଘ ତରଫରୁ ମୂରଲୀଧର ମିଶ୍ର ଅନୁରୋଧ କରିଛନ୍ତି ।

# ଟାଟା ଷ୍ଟିଲ୍ ପକ୍ଷରୁ ତ୍ରୟୋଦଶତମ ସ୍ୱେଚ୍ଛାସେବୀ ସପ୍ତାହର ଶୁଭାରମ୍ଭ

ଯୋଡା,(ପିଏନ)- ଟାଟା ଷ୍ଟିଲ୍ ଆନୁକୂଲ୍ୟରେ ଗୁରୁବାରୁ ଠାରୁ ଆରମ୍ଭ ହୋଇଥିବା ତ୍ରୟୋଦଶତମ ସ୍ୱେଚ୍ଛାସେବୀ ସପ୍ତାହ ପାଳନ ଅବସରରେ ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ହନୁମାନ ହଟିଂସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ 'ଦାନ୍ତ ସ୍ୱଚ୍ଛତା' ଉପରେ ଏକ ସଚେତନତା ଅଧିବେସନ ଆୟୋଜିତ ହୋଇଯାଇଥିବାର ଖବର ମିଳିଛି । ଏହି ସଚେତନତା ଅଧିବେସନରେ ଟାଟାଷ୍ଟିଲ ଓ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସ୍‌ଆରଡିଏସ୍) ର ଅଧିକାରୀ ଓ କର୍ମଚାରୀ ଗୋଷ୍ଠୀ ପିଲାମାନଙ୍କ ସହିତ ଦାନ୍ତ ସ୍ୱଚ୍ଛତା ଉପରେ ଏକ କୌତୁକିଆ ମଞ୍ଚ ଆୟୋଜନ କରିଥିବା ସମୟରେ କେନ୍ଦ୍ରର ପ୍ରାୟ ୩୦ ଜଣ ପିଲାମାନଙ୍କୁ ଟୁଥ୍‌ବ୍ରସ୍, ଟୁଥ୍‌ପେଷ୍ଟ ଓ ଟଙ୍ଗକ୍ଲିନର ଥିବା ଗୋଟାଏ ଲେଖାଏଁ ଡେଣ୍ଟାଲ୍ କିଟ୍ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା ପକ୍ଷରୁ ଖଣ୍ଡବନ୍ଧ ବସ୍ତିରେ ଟାଟା ଷ୍ଟିଲ ଯୋଡାର ଚିକିତ୍ସକଙ୍କ ସହାୟତାରେ ଏକ ଚର୍ମ ଓ ଶିଶୁ ରୋଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଶିବିର ମଧ ଆୟୋଜିତ ହୋଇଥିବାର ସୂଚନାରୁ ପ୍ରକାଶ । ଖଣ୍ଡବନ୍ଧ ସମେତ ଆଖପାଖ ଗ୍ରାମର ପ୍ରାୟ ୮୪ଜଣ ଛାତ୍ରଛାତ୍ରୀ ଏହି ଶିବିରରୁ ଉପକୃତ ହୋଇଥିବାର କମ୍ପାନୀ ସୂତ୍ରରୁ ପ୍ରକାଶ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ,ଖଣି ଓ ଶିଳ୍ପ ପ୍ରଭାବିତ ଅଧିବାସୀଙ୍କ ପ୍ରତି ସାମାଜିକ ଉତ୍ତର ଦାୟିତ୍ୱ ନିର୍ବାହ ନିମନ୍ତେ ବିଶ୍ୱବ୍ୟାପୀ ଟାଟା କର୍ମଚାରୀ ତଥା ସେମାନଙ୍କ ପରିବାର ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଓ ସେପ୍ଟେମ୍ବର ମାସରେ ଟାଟା ସ୍ୱେଚ୍ଛାସେବୀ ସପ୍ତାହ (ଟିଭିଡବ୍ଲ୍ୟୁ) ପାଳନ କରାଯାଉଛି। ଏହି ମାସିକିଆ କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଚଳିତ ବର୍ଷ ଯୋଡ଼ା ଖଣି ପ୍ରଭାବିତ ଇଲାକାରେ ସଚେତନତା ଅଧିବେସନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା ଖସଡା ପ୍ରସ୍ତୁତ କରାଯାଇଥିବାର କମ୍ପାନୀ ସୂତ୍ରରୁ ପ୍ରକାଶ ।

# ପଂଚାୟତ ରାଜକୁ ବିଡ଼ିଓ ରାଜରେ ପରିଣତ କରାନଯାଉ

## ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର



ଭୁବନେଶ୍ୱର (ପିଏନ)- ଆଜି ରାଜୀବ ଗାନ୍ଧୀ ପଂଚାୟତରାଜ ସଂଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ରାଜଭବନରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବା ଅବସରରେ ତୁରନ୍ତ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଡିକେ ସିଂ ଗତ ୧୭.୦୨.୨୦୨୦ ମସିହାରେ ଚିଠି ନଂ ୪୩/୧୪ ମାଧ୍ୟମରେ ପଂଚାୟତିରାଜ ବ୍ୟବସ୍ଥାକୁ ବିଡ଼ିଓ ରାଜରେ ପରିଣତ କରିବା ପାଇଁ ଯେଉଁ ହୀନ ଚକ୍ରାନ୍ତ କରିଛନ୍ତି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଦାବି କରାଯାଇଛି। ଓଡ଼ିଶାରେ ବିଜେଡ଼ି ସରକାର ମାର୍ଚ୍ଚ ୫ ତାରିଖକୁ ପଂଚାୟତି ରାଜ ଦିବସ ଭାବରେ ପାଳନ କରିଥିବା ବେଳେ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ ଏହାକୁ ପଂଚାୟତି ରାଜ ସୁରକ୍ଷା ଦିବସ ଭାବରେ ପାଳନ କରିଛି। କାରଣ ବିଜେଡ଼ି ସରକାର ପଂଚାୟତ ରାଜ ବ୍ୟବସ୍ଥାକୁ ବିଡ଼ିଓ ରାଜରେ ପରିଣତ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପଂଚାୟିତ ପ୍ରତିନିଧିଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟିର ନେତାମାନେ ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡ଼ିଶାର ରାଜ୍ୟପାଳଙ୍କୁ ୬ଦଫା ଦାବୀ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଆଜି ମାର୍ଚ୍ଚ ୬ ତାରିଖରେ ଭୁବନେଶ୍ୱରଠାରେ ପଂଚାୟତିରାଜ ପ୍ରତିନିଧି ଓ ରାଜୀବ ଗାନ୍ଧୀ ପଂଚାୟତ ସଂଗଠନର କର୍ମକର୍ତାମାନେ ରାଜ୍ୟପାଳଙ୍କୁ ଭେଟି ୬ଦଫା ଦାବୀପତ୍ର ପ୍ରଦାନ କରିଛନ୍ତି। ପଂଚାୟତିରାଜ ହେଉଛି କ୍ଷମତା ବିକେନ୍ଦ୍ରୀକରଣର ସର୍ବୋତମ ମାଧ୍ୟମ। ତୃଣମୂଳ ସ୍ତରର ବିକାଶର ଏହା ମଧ ଚାବି କାଠି। ଏହାକୁ ଜାତିର ପିତା ମହାତ୍ମା ଗାନ୍ଧୀ ଅନୁଭବ କରିଥିଲେ ଏବଂ ଗ୍ରାମ ସ୍ୱରାଜର ପରିକଳ୍ପନା କରିଥିଲେ। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀ ଦେଶର ବିକାଶ କ୍ଷେତ୍ରରେ ଏହାକୁ ପ୍ରାଥମିକତା ଦେଇ ସମ୍ବିଧାନ ସଂଶୋଧନ ପାଇଁ ପ୍ରୟାସ କରିଥିଲେ, ଯାହା ପରବର୍ତୀ ସମୟରେ ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ୍ ଭାବରେ ପରିଗଣିତ। ଏହି ଆଇନ୍ ଦ୍ୱାରା ପଂଚାୟତ ବ୍ୟବସ୍ଥାକୁ ସଶକ୍ତ, ସୁଦୃଢ଼ ଏବଂ ସ୍ୱତନ୍ତ୍ର କରିବାର ପରିକଳ୍ପନା କରାଯାଇଥିଲା।

ମାତ୍ର ଦୁଃଖ ଏବଂ ପରିତାପର ବିଷୟ ଏହିକି ଯେ ଉପରୋକ୍ତ ସମ୍ବିଧାନ ସଂଶୋଧନ ଆଇନ୍‌କୁ ଓଡିଶା ସରକାର କେବଳ ଅବମାନନା କରୁନାହାନ୍ତି, ପଂଚାୟତିରାଜ ବ୍ୟବସ୍ଥାକୁ ଅଫିସରରାଜ ବା ବିଡ଼ିଓରାଜରେ ପରିଣତ କରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଗତ ୧୭.୦୨.୨୦ ତାରିଖରେ ରାଜ୍ୟ ସରକାରଙ୍କର ପଂଚାୟତିରାଜ ବିଭାଗର ଶାସନ ସଚିବ ଶ୍ରୀ ଡି.କେ. ସିଂହ ଜିଲ୍ଲାପାଳମାନଙ୍କୁ ପଠାଇଥିବା ଏକ ଚିଠି ଯେଉଁଥିରେ କୁହାଯାଇଛି ଯେ ବିଡିଓଙ୍କ ଦସ୍ତଖତ ବିନା ପଂଚାୟତର କୌଣସି ପ୍ରକଳ୍ପ ଅନୁମୋଦିତ ହୋଇପାରିବ ନାହିଁ କିମ୍ବା ଅର୍ଥ ରାଶି କାହାକୁ ସେ ବାବଦକୁ ଦିଆଯାଇ ପାରିବ ନାହିଁ। ଏହି ଚିଠି ପ୍ରମାଣିତ କରେ ଯେ ପଂଚାୟତ ବ୍ୟବସ୍ଥା ପ୍ରତି ରାଜ୍ୟ ସରକାରଙ୍କର ଆଭିମୁଖ୍ୟ କ'ଣ। ଏହି ଚିଠିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଅନ୍ୟ ଦାବି ଗୁଡ଼ିକ ହେଲା : ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ଆଇନ ମୁତାବକ ପଂଚାୟତର ସ୍ୱାତନ୍ତ୍ର୍ୟ ଓ ଅଧିକାରକୁ ସୁରକ୍ଷା ଦିଆଯାଉ ।ନିୟମିତ ଭାବରେ ଗ୍ରାମସଭା ଓ ପଲ୍ଲୀସଭାର ଆୟୋଜନ କରାଯାଉ ଏବଂ ଗ୍ରାମସଭା ଓ ପଲ୍ଲୀସଭାର ବିନା ଅନୁମୋଦନରେ ପଂଚାୟତରେ କୌଣସି କାର୍ଯ୍ୟ ନହେଉ ।ବିଜେଡ଼ି ସରକାର ୨୦ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ କାର୍ଡ ବାଂଟିବାର ଯୋଜନା କରୁଛନ୍ତି। ମାତ୍ର ଏହି ଆବାସ ଯୋଜନାକୁ କାର୍ଯ୍ୟକାରୀ କଲାବେଳେ ପଂଚାୟତରାଜ ବ୍ୟବସ୍ଥାର ତୃଣମୂଳସ୍ତରର ଜନ ପ୍ରତିନିଧି ୱାର୍ଡ ସଭ୍ୟ / ସଭ୍ୟାଙ୍କର ଅନୁମୋଦନକୁ ବାଧ୍ୟତାମୂଳକ କରାଯାଉ ।ସରପଂଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟମାନଙ୍କର ଭତା ବୃଦ୍ଧି କରିବା ସହିତ ସେମାନଙ୍କ ପାଇଁ ଖୋଲା ହାତ ପାଣ୍ଠିର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ।

ଆଜିର ଏହି ପ୍ରତିନିଧି ଦଳରେ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ, ଓଡ଼ିଶାର ଆବାହକ ଶ୍ରୀ ସୁଦର୍ଶନ ଦାସ, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଦୀପକ ସାହୁ, ଦୀପକ ମହାପାତ୍ର,ସୁଭାଷ ପ୍ରଧାନ, ଓଡ଼ିଶା ସଂରପଂଚ ମହାସଂଘ ସଭାପତି ପ୍ରଦ୍ୟୁମ୍ନ ଜେନା, ସମିତି ସଭ୍ୟ ମହାସଂଘର କାର୍ଯ୍ୟକାରୀ ସଭାନେତ୍ରୀ ବିଷ୍ଣୁପ୍ରିୟା ଚାନ୍ଦ, ନରେଶ ମହାନ୍ତି, ସତ୍ୟସ୍ମିତ ମହାନ୍ତି, ଶ୍ରିୟାସ୍ମିତା ପଣ୍ଡା, ମୋହନ ଜେନା, ବିଜୟାନନ୍ଦ ଚାଉଳିଆ, ରଜନୀ ମହାନ୍ତି, ନିରଞ୍ଜନ ନାୟକ, ମହେଶ୍ୱର ପ୍ରଧାନ, ମାନସ ମଲ୍ଲିକ, ପିତବାସ ବେହେରା, ବିଜୟ ପ୍ରଧାନ, ମାନଭଞ୍ଜନ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ରାଜ୍ୟପାଳଙ୍କୁ ଦାବୀପତ୍ର ଦେବା ଅବସରରେ ସଂଗଠନର ଆବାହକ ଶ୍ରୀ ସୁଦର୍ଶନ ଦାସ ଦାବୀଗୁଡ଼ିକ ଉପରେ ସବିଶେଷ ଆଲୋଚନା କରିଥିଲେ ଏବଂ ରାଜ୍ୟପାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରସରକାରଙ୍କର ସଂପୃକ୍ତ ବିଭାଗକୁ ଏହି ଦାବୀପତ୍ର ପଠାଇବା ସହିତ ତୁରନ୍ତ ପଦକ୍ଷେପ ନେବେବୋଲି ଆଶ୍ୱସନା ଦେଇଥିଲେ।

ଜିଲ୍ଲାସ୍ତରରେ ଏହି କାର୍ଯକ୍ରମକୁ ସଫଳତା ସହିତ ଆୟୋଜନ କରିଥିବାରୁ ଜିଲ୍ଲା ନେତୃତ୍ୱକୁ ଆବାହକ ଶ୍ରୀ ସୁଦର୍ଶନ ଦାସ ଧନ୍ୟବାଦ ଜଣାଇଛନ୍ତି।

# ଯୋଡା ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ



ଯୋଡା,(ପିଏନ)- ଯୋଡା ବ୍ଲକ ପରିସରରେ ଏକ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଗୁରୁବାର ଦିନ ସମଗ୍ର ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଯାଇଛି । ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ନାଏକଙ୍କ ପୌରହିତ୍ୟରେ ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ବ୍ଲକର ସହାୟକ ଯନ୍ତ୍ରୀ ଯଦୁନାଥ ମୁର୍ମୁ,ହିସାବ ରକ୍ଷକ ସତ୍ୟବ୍ରତ ମହାନ୍ତ ଓ ଭୂୟାଁ-ରୋଇଡା ସରପଞ୍ଚ ଯତୀଶ ଚନ୍ଦ୍ର ନାଏକ ପ୍ରମୁଖ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ଓ ବ୍ଲକର ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଜୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ମାଧ୍ୟମରେ ଏହି ଐତିହାସିକ ରାଜନେତାଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଗୁଡିକର ସଫଳ ରୂପାୟନ ନିମନ୍ତେ ସରକାରୀ କର୍ମଚାରୀ ଓ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ସମ୍ବନ୍ଧେ ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ । ଯୋଡା ଭଳି ଆଦିବାସୀ ଅଧୁଷିତ ଓ ସଚେତନତା କ୍ଷେତ୍ରରେ ପଛୁଆ ତଥା ଦୁର୍ଗମ ବ୍ଲକରେ ସରକାରୀ ଯୋଜନା ଗୁଡିକୁ ତ୍ୱରିତ ତ୍ୱରାନ୍ୱିତ କରିବା ସହ ଲୋକାଭିମୁଖି କରିବା ଲକ୍ଷ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ସହାୟକ ଯନ୍ତ୍ରୀ ଶ୍ରୀ ମୁର୍ମୁ ଏହି ଅବସରରେ ତାଙ୍କର ଉପଲବ୍ଧୀ ବ୍ୟକ୍ତ କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଆଳିଯୋଡା ଗ୍ରାମର କଳାକାର ମାନଙ୍କ ପକ୍ଷରୁ ଆଦିବାସୀ ବାଦ୍ୟ,ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ଯୋଡା ବ୍ଲକ ଅଧିନରେ ଥିବା ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଞ୍ଚାୟତ ଦିବସ ପାଳନ କରାଯାଇଛି ବୋଲି ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଶ୍ରୀ କାହ୍ନୁ ମାଝୀ ସୂଚନା ଦେଇଛନ୍ତି ।

# ଉପଭୋକ୍ତାଙ୍କୁ ଅର୍ଥ ଫେରାଉ ନାହିଁ ସାହାର ଇଣ୍ଡିଆ ଶାଖା

ନେଉଳପୁର, ୬/୩(ପି.ଏନ)- ଚଣ୍ଡିଖୋଲ ଛକ ଠାରେ ସାହାର ଇଣ୍ଡିଆ ପକ୍ଷରୁ ଏକ ଶାଖା ଖୋଲାଯାଇ ଉପଭୋକ୍ତାଙ୍କ ଠାରୁ ବିଭିନ୍ନ ସ୍କିମରେ ଅର୍ଥ ସଂଗ୍ରହ କରାଯାଇଛି। ଏଥିରେ ଏଜେଂଟଙ୍କ ମାଧ୍ୟମରେ ଚଣ୍ଡିଖୋଲ ଛକ ବଜାର ସହିତ ବଡଚଣା ବ୍ଲକ ଓ ଧର୍ମଶାଳା ବ୍ଲକର ଶତ ସହସ୍ର ଗ୍ରାମ ମାନଙ୍କରୁ ମହିଳା ଓ ପୁରୁଷ ମାନଙ୍କ ଠାରୁ ଅର୍ଥ ସଂଗ୍ରହ କରିବା ସହିତ ୭ ବର୍ଷିଆ ଓ ୧୦ ବର୍ଷୀଆ ସ୍ଥାୟୀ ଜମା ମାଧ୍ୟମରେ ଅର୍ଥ ଆଦାୟ କରାଯାଇଛି। ସ୍ଥାୟୀ ଜମା କରିଥିବା ବ୍ୟକ୍ତିମାନେ ନିଜର ଜମା ଅବଧି ପୁରି ଯାଇଥିଲେ ମଧ ସେମାନଙ୍କୁ ଅର୍ଥ ଦେବା ପରିବର୍ତେ ଦିନ ଗଡାଇ ଚାଲୀଛନ୍ତି ସାହାରା ଇଣ୍ଡିଆର ଶାଖା ପରିଚାଳକ। ଉପଭୋକ୍ତାମମାନେ ବାରମ୍ବାର ଶାଖା ପରିଚାଳକ ମାନଙ୍କ ପାଖକୁ ଯାଇ ଅର୍ଥ ଫେରସ୍ତ ପାଇଁ ଆବେଦନ କଲେ ମଧ ଶାଖା ପରିଚାଳକ ଆବେଦନକାରୀଙ୍କୁ ଅର୍ଥ ଫେରସ୍ତ ନଦେଇ ଉକ୍ତ ଅବଧି ଅର୍ଥକୁ ପୁନରାୟ ଦୁଇ ବର୍ଷିଆ କିମ୍ବା ତିନି ବର୍ଷିଆ ସ୍କିମରେ ଡିପୋଜିଟ କରିବାକୁ ପ୍ରବର୍ତାଉଛନ୍ତି। ଯଦ୍ୱାରା ଉପଭୋକ୍ତା ମାନଙ୍କର ଅଭିଯୋଗ ହେଉଛି। ସାହାର ଇଣ୍ଡିଆ ରିଜର୍ଭ ବ୍ୟାଙ୍କ ଇଣ୍ଡିଆରୁ ଅନୁମତି ପାଇ ଅର୍ଥ ସଂଗ୍ରହ କରି ଉପଭୋକ୍ତା ମାନଙ୍କୁ ଅର୍ଥ ଫେରସ୍ତ ନକରିବାରୁ ଉପଭୋକ୍ତା ମାନେ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହିତ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗେଯାଗ ହୋଇପାରି ନଥିଲା।




# ବିଷବଳୟରେ ଭାରତର ସହର



ଭାରତର ୧୩ଟି ସହରର ପ୍ରଦୂଷଣର ମାତ୍ରା ସୀମା ଲଂଘିଛି। ବିଶ୍ୱ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ବେଳେ ଭାରତର ୧୩ଟି ସହର ସହର ଭିତରେ ରହିଛି। ଗୋଟିଏ ଭାରତରେ ଶିଳ୍ପ ବିକାଶ ପାଇଁ ଅହରହ ଏକ ବିଶ୍ୱସ୍ତରୀୟ ନିର୍ମାଣ କ୍ଷେତ୍ର ଭାବେ ରଖିଛନ୍ତି, ଅନ୍ୟପଟେ ପରିବେଶଗତ ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ଚିନ୍ତା ବଢୁଛି। ଦିଲ୍ଲୀ ସମେତ ପାଟନା, ପବନରେ ଏବେ ଭରିଯାଇଛି ବିଷ। ସ୍ୱାସ୍ଥ୍ୟ ସଂଗଠନ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଭାବେ ଗତବର୍ଷ ଘୋଷଣା କରିଥିବା ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ୨୦ଟି ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଜାରି ରଖିବା ସହ ଭାରତକୁ ପରିଗଣିତ କରିବାକୁ ଉଦ୍ୟମ ଜାରି ବିପଦ ଘନେଇବାରେ ଲାଗିଛି। ସହରର ବିଷାକ୍ତ ପବନକୁ ନେଇ ଏବେ ଗୋଆଲିୟର, ରାୟପୁର, ଅହମ୍ମଦାବାଦ, କାନପୁର, ଅମୃତସର, ଲୁଧିଆନା, ଆହ୍ଲାବାଦ ଏବଂ ଆଗ୍ରା ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବିପଜ୍ଜନକ ରହିଛି। ବିଷାକ୍ତ ପରିବେଶ ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିଛି। ବିଷାକ୍ତ ଗ୍ୟାସ, ଧୂଳି ଏବଂ ସୂକ୍ଷ୍ମ ପଦାର୍ଥ ପବନରେ ଭରିଯିବାରୁ ମଣିଷର ଶରୀର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇଛି। ଏସିଆର ଦ୍ୱିତୀୟ ସର୍ବବୃହତ୍ ଆର୍ଥିକ ଶକ୍ତି ଭାରତର ରାଜଧାନୀ ଏବେ ପ୍ରଦୂଷଣ ପାଇଁ ବଦନାମ ହେବାରେ ଲାଗିଛି।

ଦିଲ୍ଲୀ ସହର ଅବସ୍ଥା ଦିନକୁ ଦିନ ଅତି ଖରାପ ଆଡ଼କୁ ଯାଉଥିବାରୁ ସୁସ୍ଥ ପରିବେଶ ଓ ନିର୍ମଳ ବାୟୁ ଖୋଜୁଥିବା ବହୁ ବ୍ୟକ୍ତି ଦିଲ୍ଲୀରୁ ପଳାଇ ଯାଉଛନ୍ତି। ନ୍ୟୁୟର୍କ ଟାଇମ୍‌ସର ଦିଲ୍ଲୀ ପ୍ରତିନିଧି ଗାର୍ଡ଼ିନେର ହାରିସ୍ ଏଠାରେ ୩ବର୍ଷ କାମ କରିବା ପରେ ଦିଲ୍ଲୀର ବିଷାକ୍ତ ପବନ ପାଇଁ ଏବେ ଭାରତ ଛାଡ଼ିବାକୁ ଯୋଜନା କରିଛନ୍ତି। ରାଜଧାନୀ ଦିଲ୍ଲୀର ପରିବେଶରେ ରହି କାମ କରିବା ତାଙ୍କ ପାଇଁ କଷ୍ଟକର ଦର୍ଶାଇ ସେ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଏକ ଆଲେଖ୍ୟରେ ଦର୍ଶାଇଛନ୍ତି। ସେ ତଥ୍ୟ ପ୍ରମାଣ ସହ ଏହି ସହର କିଭଳି ଆଗାମୀ ପିଢ଼ି ପାଇଁ ଘୋର ବିପଦର କାରଣ ହେବ ତାହା ବର୍ଣ୍ଣନା କରିଛନ୍ତି। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ନୀତି ଅକାମୀ ହୋଇଯାଇଥିବା ବେଳେ ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ହାରିସ୍ ଦର୍ଶାଇଛନ୍ତି ଯେ ଦିଲ୍ଲୀର ସବୁଠାରୁ ବଡ଼ ବିପଦ ହେଉଛି ଏହାର ପାଣି, ପବନ, ଖାଦ୍ୟ ଏବଂ ମଶା। ଏକ ବିଷ ବଳୟ ଭିତରେ ମଣିଷ ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜୀବନଯାପନର ମାନ ସଙ୍କୁଚିତ ହେବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ରିପୋର୍ଟ ଅନୁଯାୟୀ ୨୦୧୭ରେ ୮.୭ ନିୟୁତରୁ ଅଧିକ ଲୋକ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରାଣ ହରାଇଛନ୍ତି। ଗୋଟିଏ ନିୟୁତରୁ ଅଧିକ ଲୋକ ତମାଖୁ ସେବନ ଯୋଗୁଁ ପ୍ରାଣ ହରାଇଥିବା ବେଳେ ଏଥିରୁ ୮୮ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ବୋଲି ଜଣାପଡ଼ିଛି। ଭାରତର ୩୦ରୁ ଅଧିକ ସହରର ପବନରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ ଏବଂ ସଲଫର ଡାଇଅକ୍ସାଇଡ଼ର ମାତ୍ରା ଉଦବେଗଜନକ ଭାବେ ବଢ଼ିଯାଇଛି। ପବନରେ ୧୦ ମାଇକ୍ରୋମିଟର ଠାରୁ କମ୍ ସୂକ୍ଷ୍ମ ପଦାର୍ଥର ଅବସ୍ଥିତି ମଣିଷର ସ୍ୱାସ୍ଥ୍ୟ ପାଇଁ ବହୁତ ବଡ଼ ବିପଦ ସୃଷ୍ଟି କରିଥାଏ ଏବଂ ରାଜଧାନୀ ଦିଲ୍ଲୀ ସମେତ ଅନେକ ସହର ଏବେ ଏହି ବିପଦକୁ ମୁଣ୍ଡାଇଛି।

ମହିଳାମାନେ ବ୍ୟବହାର କରୁଥିବା ଡିସ୍‌ପୋଜେବଲ ପ୍ୟାଡ଼ ବା ସାନିଟାରି ନାପ୍‌କିନ୍ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ରୋଗ ବଢୁଥିବା ଏକ ଅଧ୍ୟୟନ ଫଳାଫଳରୁ ଜଣାପଡ଼ିଛି। ବଜାରରେ ବିକ୍ରି ହେଉଥିବା ସମସ୍ତ ଡିସପୋଜେବଲ ପ୍ୟାଡ଼ ସିନ୍ଥେଟିକ। ଏହାର ନବେ ପ୍ରତିଶତ ପ୍ଲାଷ୍ଟିକ। ଥରେ ବ୍ୟବହୃତ ହେବା ପରେ ଫୋପଡ଼ାଯାଏ। ମାଟିରେ ମିଶିବାକୁ ଲାଗେ ପାଞ୍ଚଶହରୁ ଆଠଶହ ବର୍ଷ। ଜଣେ ମହିଳା ନିଜ ଜୀବନ କାଳରେ ଅନ୍ୟୂନ ୧୬୮୦୦ଟି ଏ ଭଳି ପ୍ୟାଡ଼ ବ୍ୟବହାର କରୁଥିବା ଜଣାଯାଏ। ଅର୍ଥାତ୍ ଅଜାଣତରେ ଆମେ କେଉଁ ଭଳି ଭୁଲ କରୁଛେ ଅନୁମେୟ। ବିଶେଷ ଅନୁସନ୍ଧାନରୁ ପ୍ରକାଶ ଯେ, ୧୨ ପ୍ରତିଶତ ବା ୩.୬ କୋଟି ଭାରତୀୟ ମହିଳା ଡିସପୋଜେବଲ ପ୍ୟାଡ଼ ବ୍ୟବହାର କରନ୍ତି। ଋତୁଚକ୍ର ବେଳେ ଜଣେ ମହିଳା ଅନ୍ୟୂନ ୧୨ଟି ପ୍ୟାଡ଼ ବ୍ୟବହାର କରନ୍ତି। ଅର୍ଥାତ୍ ପ୍ରତି ମାସରେ ପଦାରେ ଫୋପଡାଯାଉଛି ୪୩.୨ କୋଟି ପ୍ୟାଡ଼। ଯଦି ପ୍ରତ୍ୟେକ ଭାରତୀୟ ମହିଳା ଏହା ବ୍ୟବହାର କରନ୍ତି ବାର୍ଷିକ ୫୮୫୦ କୋଟି ପ୍ୟାଡ଼ ଫୋପଡାହେବ। ଏହାର ପରିଣାମ ଶୁଭଙ୍କର ନୁହେଁ। ପୁଣି, ସିନ୍ଥେଟିକ ପ୍ୟାଡ଼ରେ ଡାଇଅକ୍‌ସିନ ସମେତ ଏକାଧିକ ବିଷାକ୍ତ ରାସାୟନିକ ପଦାର୍ଥ ରହୁଛି। ଏଗୁଡ଼ିକ ଡିମ୍ବାଣୁ କର୍କଟ ଓ ବନ୍ଧ୍ୟାତ୍ୱ ସୃଷ୍ଟି କରିପାରନ୍ତି। ତେଣୁ ଏ ବାବଦରେ ଅଧିକ ସତର୍କତା ଅବଲମ୍ବନ ସହ ସିନ୍ଥେଟିକ ପ୍ୟାଡ଼ ବଦଳରେ କନା ତିଆରି ପ୍ୟାଡ଼ ବା ଟାମ୍ପୁନ୍ ବା ସିଲିକନ୍ କପ ବ୍ୟବହାର କରିବା ପାଇଁ ବିଜ୍ଞାନୀମାନେ ମତ ଦେଉଛନ୍ତି।

**ଡାକ୍ତର ଶୁଭଶ୍ରୀ ମିଶ୍ର,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# କର୍ମବୀର ଗୌରୀଶଙ୍କର ରାୟ



ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତିର ଅଭ୍ୟୁଦୟକୁ କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ। ବଙ୍ଗୀୟ ପରିବାରରେ ସେ ଜନ୍ମ ହୋଇଥିଲେ। କିନ୍ତୁ ଓଡ଼ିଆ ପ୍ରତି ତାଙ୍କର ଗଭୀର ମମତା ଥିଲା। ଏହି ଭାଷାର ଗୌରବ ବଢ଼ାଇବା ଲାଗି ଆଜୀବନ ଉଦ୍ୟମ କରିଥିଲେ। ତାଙ୍କ ଉଦ୍ୟମରେ କଟକରେ ୧୮୬୫ରେ ଜନ୍ମ ନେଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ। ଏହାର ପରବର୍ଷ ଅଗଷ୍ଟରେ ଏହି ପ୍ରେସରୁ ଉତ୍କଳ ଦୀପିକାର ପ୍ରକାଶନ ଆରମ୍ଭ ହୋଇଥିଲା। ଗୌରୀଶଙ୍କର ଥିଲେ ଏହାର ପ୍ରତିଷ୍ଠାତା-ସଂପାଦକ। ଶେଷ ଜୀବନ ପର୍ଯ୍ୟନ୍ତ ସେ ଏହାର ସଂପାଦକ ଥିଲେ। ଉତ୍କଳ ଦୀପିକା ଥିଲା ସେତେବେଳର ଓଡ଼ିଶା ପାଇଁ ମୁଖପତ୍ର। ଏହାକୁ ଓଡ଼ିଶାର ପ୍ରଥମ ଜାତୀୟ ସମ୍ବାଦପତ୍ର ଭାବେ ଗ୍ରହଣ କରାଯାଏ। ଗୌରୀଶଙ୍କରର ଏକଦା ଶିକ୍ଷକତା କରୁଥିଲେ। ପରେ ଶିକ୍ଷକତା ଛାଡ଼ିଥିଲେ ଏବଂ ବାର ବର୍ଷ ଧରି କିରାଣି ଚାକିରି କରିଥିଲେ। କଟକ ଅଦାଲତର ସେ ଜଣେ ଜଣାଶୁଣା ଅନୁବାଦକ ଥିଲେ। ୧୮୯୨ରେ ଚାକିରି ଛାଡ଼ି ଉତ୍କଳ ଦୀପିକାକୁ ପୂର୍ଣ୍ଣ ସମୟ ଦେଇଥିଲେ। ସେତେବେଳର ଓଡ଼ିଶାରେ ପ୍ରଚଳିତ ସାମାଜିକ କୁସଂସ୍କାର, ପୂଜାପାର୍ବଣ ଓ ବିବାହ ଉତ୍ସବରେ ବୃଥା ଅପବ୍ୟୟ, ଭଣ୍ଡ ସନ୍ନ୍ୟାସୀ ଓ ଦୁର୍ନୀତିଗ୍ରସ୍ତ ମହନ୍ତଙ୍କ ବିରୁଦ୍ଧରେ ଶାଣିତ ଲେଖାମାନ ପ୍ରକାଶ ପାଉଥିଲା। ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନ ଏବଂ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଉପରେ ପ୍ରକାଶିତ ଲେଖାମାନ ଅତି ଉଚ୍ଚକୋଟୀର ଥିଲା। ଗୌରୀଶଙ୍କର ଥିଲେ କଳା, ସାହିତ୍ୟ ଓ ସଂଗୀତପ୍ରେମୀ। ଉତ୍କଳ ସାହିତ୍ୟ ସମାଜର ଜଣେ ଉଦ୍ୟୋକ୍ତା ଥିଲେ। କିଛି କାଳ ଉତ୍କଳ ସଭାର ସଂପାଦନା କାର୍ଯ୍ୟ କରିଥିଲେ। ପ୍ରେସ କାର୍ଯ୍ୟରେ ଦିନରାତି ଖଟୁଥିଲେ। ୧୯୧୭ ମାର୍ଚ୍ଚ ଆଜିର ଦିନରେ ଗୌରୀଶଙ୍କର ରାୟଙ୍କ ପରଲୋକ ହୋଇଥିଲା।

# ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ତ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ଏବଂ ଆଧୁନିକ ଭାରତର ସ୍ଥପତିମାନଙ୍କ ମଧ୍ୟରୁ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ଅନ୍ୟତମ। ଜାତିର ଜନକ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସହିତ ପନ୍ତ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ରାଜନୀତି କ୍ଷେତ୍ରରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ସେ ଉତ୍ତରପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଭାରତର ଚତୁର୍ଥ ଗୃହମନ୍ତ୍ରୀ ଥିଲେ। ଗୃହମନ୍ତ୍ରୀ ଭାବେ ଭାରତକୁ ଭାଷା ଅନୁସାରେ ବିଭିନ୍ନ ରାଜ୍ୟରେ ବିଭକ୍ତ କରିବା ତଥା ହିନ୍ଦୀକୁ ଭାରତର ରାଷ୍ଟ୍ରଭାଷା ରୂପେ ମାନ୍ୟତା ପ୍ରଦାନ କରିବା ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ୧୯୫୭ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୧୦, ୧୮୮୭ରେ ଜନ୍ମିତ ଏହି ମହାନ ଜନନାୟକଙ୍କର ମାର୍ଚ୍ଚ ୭, ୧୯୬୧ରେ ପରଲୋକ ହୋଇଥିଲା।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦

# ଧୁମ୍‌ଧାମ୍‌ରେ ଯୋଡାଠାରେ ପାଳନ ହେଲା ଜାମ୍‌ସେଦଜୀ ଟାଟାଙ୍କ ୧୮୧ତମ ଜନ୍ମବାର୍ଷିକୀ



ଯୋଡା (ପି.ଏନ): ଯୋଡା ସହରରେ ଟାଟା ଷ୍ଟିଲ୍ ପକ୍ଷରୁ ଜାମ୍‌ସେଦ୍‌ଜୀ ନୁସେରୱାନ୍‌ଜୀ ଟାଟାଙ୍କ ୧୮୧ତମ ଜନ୍ମବାର୍ଷିକୀ ବହୁତ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା । ଏହି ଅବସରରେ ଯୋଡା ପଶ୍ଚିମସ୍ଥିତ ସାର ଦୋରାବଜୀ ଟାଟା ବୋଟାନିକାଲ ପାର୍କ, ସେନଟଂନାରୀ ପାର୍କ,ଏଫଏପି ପାର୍ଶ୍ୱରେ ଥିବା ପାର୍କ ଓ ଯୋଡା ପୂର୍ବସ୍ଥିତ ବର୍ଷା ଜଳ ସଂରକ୍ଷଣ ପାର୍କଗୁଡିକରେ ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା ଏବଂ ସମସ୍ତ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଭାରତର ସଫଳ ଅଗ୍ରଣୀ ଶିଳ୍ପପତି ଭାରତର ସର୍ବବୃହତ୍ ଗ୍ରୁପ୍ କମ୍ପାନୀ ଟାଟା ଗ୍ରୁପର ପ୍ରତିଷ୍ଠାତା ତଥା ଭାରତୀୟ ଶିଳ୍ପ ଜଗତର ପିତା ରୂପେ ପରିଚିତ ଜାମ୍‌ସେଦ୍‌ଜୀ ନୁସେରୱାନ୍‌ଜୀ ଟାଟାଙ୍କ ୧୮୧ତମ ଜନ୍ମବାର୍ଷିକୀ (୩ ମାର୍ଚ୍ଚ ୧୮୩୯) ଉପଲକ୍ଷେ ଯୋଡା ଟାଟା ଷ୍ଟିଲ୍ ଓଏମକ୍ୟୁ ବିଭାଗ ଆନୁକୂଲ୍ୟରେ ଏହି ଦିନକୁ କମ୍ପାନୀର ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମମାନ ମଧ ପାଳନ କରାଯାଇଥିଲା । ମଙ୍ଗଳବାର ପ୍ରଭାତରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଯୋଡା ପଶ୍ଚିମ କ୍ୟାମ୍ପସରୁ ଜେସିଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପ୍ରଭାତ ଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଶେଷ ହେବାପରେ ଟାଟା ଷ୍ଟିଲ୍ ଯୋଡା ମୁଖ୍ୟଙ୍କ ନେତୃତ୍ୱରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସଂଘର ସମସ୍ତ କର୍ମକର୍ତ୍ତା ଜେସିଓ କାର୍ଯ୍ୟାଳୟରେ ସ୍ଥାପିତ ଜେଏନ ଟାଟାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଂଜଳୀ ଜ୍ଞାପନ କରିବା ସହ ଏହି ମହାନ ଶିଳ୍ପ ପୁରୁଷଙ୍କ ଜୀବନୀ ଓ ଦର୍ଶନ ସମ୍ବନ୍ଧେ ସ୍ମୃତିଚାରଣ କରିଥିଲେ । ଏହାର ଉପରାନ୍ତେ ଟାଟା ଷ୍ଟିଲ୍ ଯୋଡା ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଦିନର ପ୍ରଥମାର୍ଦ୍ଧରେ ଯୋଡା ପଶ୍ଚିମ ସ୍ଥିତ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ନିକଟ ପଡିଆରେ ଜେସିଓ ଓ ଖଣ୍ଡବନ୍ଧ ଲୌହଖଣିରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାରବର୍ଗଙ୍କ ନିମନ୍ତେ ବିଭିନ୍ନ କ୍ରୀଡାମାନ ଆୟୋଜନ କରାଯାଇଥିଲା ଏବଂ ଅପରାହ୍ନ ସମୟରେ ଯୋଡା ପୂର୍ବ ସ୍ଥିତ ହାତୀ ପାର୍କରେ ଯୋଡା ପୂର୍ବ ଲୌହଖଣିର କର୍ମଚାରୀଙ୍କ ପରିବାର ବର୍ଗଙ୍କ ନିମନ୍ତେ ମଧ ଅନୁରୂପ ଭାବେ ବିଭିନ୍ନ ପ୍ରକାର କ୍ରୀଡାମାନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କମ୍ପାନୀ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା।

# ବୀରମିତ୍ରପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ

ରାଉରକେଲା (ପିଏନ): ବୀରମିତ୍ରପୁର ଟାଉନ କଂଗ୍ରେସ କମିଟିର ଏକ କର୍ମୀ ସମ୍ମିଳନୀ ଟାଉନ ସଭାପତି ବିକ୍ରମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଯୋଗ ଦେଇଥିବା ବେଳେ ସୁନ୍ଦରଗଡ ଜିଲ୍ଲା ପୂର୍ବତନ କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପୂର୍ବତନ ପୌରପାଳିକା ଅଧକ୍ଷ ଶଶି ସାଗର, ମେରୀ ସାମଲୀ ଡୁଙ୍ଗଡୁଙ୍ଗ, ରୋହିତ ଯୋଗେଶ ତିର୍କୀ, ବରିଷ୍ଠ ନେତା ଜଗଦିଶ ଅଗ୍ରୱାଲ, ସାଜିଦ ଅହମ୍ମଦ ଓ ସାହିଦ ଆଲମ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ତିର୍କୀ ତାଙ୍କ ବକ୍ତବ୍ୟରେ ଆଗାମୀ ପୌରପାଳିକା ନିର୍ବାଚନରେ ଦଳୀୟ କର୍ମୀମାନଙ୍କୁ ବିଜୟୀ କରାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେବା ସହ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହ ଆଗାମୀ ପୌର ନିର୍ବାଚନରେ ବିଜେଡି ଓ ବିଜେପିକୁ ଖାତା ଖୋଲିବାକୁ ସୁଯୋଗ ନ ଦେବା ପାଇଁ କର୍ମୀମାନଙ୍କୁ କହିଥିଲେ । ଉଭୟ ବିଜେଡି ଓ ବିଜେପି ଗତ ନିର୍ବାଚନରେ ବୀରମିତ୍ରପୁର ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ କିପରି ଲୋକମାନଙ୍କୁ ଠକିଛନ୍ତି ସେ ସମ୍ପର୍କରେ ଶ୍ରୀ ତିର୍କୀ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇ ତାଙ୍କ ବିଧାୟକତ୍ୱ ସମୟରେ ବୀରମିତ୍ରପୁରରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ସ୍ମରଣ କରାଇ ଦେଇଥିଲେ । ଜାତି, ଧର୍ମ ନାଁରେ ଲୋକଙ୍କୁ ବିଭାଜନ କରି ବିଜେପି ଚଳାଇଥିବା ଭୋଟ୍ ରାଜନୀତିକୁ ଲୋକେ ବୁଝିଲେଣି, ଆଗାମୀ ଦିନରେ ଲୋକେ ତା'ର ଠିକଣା ଜବାବ ଦେବେ ବୋଲି ଏହି ଅବସରରେ ଶ୍ରୀ ତିର୍କୀ କହିଥିଲେ । ଦୀର୍ଘ ୨୦ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ବୀରମିତ୍ରପୁରରେ କର୍ମୀ ସୃଷ୍ଟି ନ କରିପାରି କଂଗ୍ରେସ ଲୋକଙ୍କୁ ପ୍ରଲୋଭନ ଦେଖାଇ ଦଳକୁ ନେବା ହାସ୍ୟାସ୍ପଦ ଘଟଣା ବୋଲି ଶ୍ରୀ ତିର୍କୀ ପ୍ରକାଶ କରି ବେଇମାନଙ୍କୁ ଆଗାମୀ ଦିନରେ ବୀରମିତ୍ରପୁରବାସୀ ଆଗାମୀ ଦିନରେ ଠିକଣା ଜବାବ ଦେବେ ବୋଲି ଦୃଢ ଆଶାପୋଷଣ କରିଥିଲେ । ସମ୍ପ୍ରତି ବିଜେପି ସିଏଏ, ଏନ୍‌ଆର୍‌ସି ଓ ଏନ୍‌ପିଆରକୁ ନେଇ ଯେଉଁ ରାଜନୀତି କରୁଛି ଏହାଫଳରେ ଆଜି ଦିଲ୍ଲୀ ଦଙ୍ଗା ସମେତ ସମଗ୍ର ଭାରତବର୍ଷରେ ଶାନ୍ତି, ସଦ୍‌ଭାବ ନଷ୍ଟ ହୋଇଛି । ସେହି ବିଜେପି ନେତୃତ୍ୱର ଅସଲ ଚେହେରାକୁ କଂଗ୍ରେସ କର୍ମୀମାନେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଶ୍ରୀ ତିର୍କୀ ଏହି ଅବସରରେ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ କଂଗ୍ରେସ କର୍ମୀ ପ୍ରତିଦିନ ଦଳ ପାଇଁ ୨ ଘଣ୍ଟା ସମୟ ଦେବାକୁ ଶ୍ରୀ ତିର୍କୀ ସମସ୍ତ କର୍ମୀଙ୍କୁ ନିବେଦନ କରିବା ସହିତ ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତ ଦଳୀୟ କର୍ମୀ ସଙ୍ଗଠିତ ହୋଇ ନିଷ୍ଠାର ସହିତ କାମ କଲେ କୌଣସି ତାକତ କଂଗ୍ରେସକୁ ବୀରମିତ୍ରପୁରରେ ହରାଇପାରିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅରକ୍ଷିତ ବିଭାର, ମାନସ ନନ୍ଦ, ହରିଶଙ୍କର ଦାସ, ନନ୍ଦିନୀ ଲାକ୍ରା, ଶିବ ବାର୍ଲା, କୈଳାସ ସାହୁ, ସରୋଜ ମହାନ୍ତି, ରଂଜନ ଓଝା, ଅନୁପ ସାହୁ, ଶୈଳଶ ତିୱାରୀ, ସରତାଜ ଖାନ, ଅଶୋକ ନାୟକ, ସୁନୀଲ ଠାକୁର, ଟୁଟୁ ନନ୍ଦ, ଗୀତାରାଣି ସାମନ୍ତରାୟ, ଅପୂର୍ବ ନାୟକ, ଜିତେନ୍ଦ୍ର ବାଗ, ରାଜୁ ସିଂ ପ୍ରମୁଖ କର୍ମୀମାନେ ଉପସ୍ଥିତ ରହି ସଙ୍ଗଠନକୁ ମଜବୁତ କରିବା ସହିତ ଆଗାମୀ ପୌର ନିର୍ବାଚନରେ କିପରି ଦଳକୁ ବିଜୟୀ କରାଯିବ ସେ ସମ୍ପର୍କରେ ମତ ରଖିଥିଲେ । ଏହି କଂଗ୍ରେସ କର୍ମୀ ସମ୍ମିଳନୀରେ ବୀରମିତ୍ରପୁରର ୧୧ଟି ୱାର୍ଡରୁ ୬ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

# ରେଲୱେ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



କଟକ (ପିଏନ୍): ପୂର୍ବତଟ ରେଳବାଇ ଅନ୍ତର୍ଗତ ରେଲୱେ ଇନ୍‌ଷ୍ଟିଚ୍ୟୁଟ ତରଫରୁ ଦୁଇଦିନ ବ୍ୟାପୀ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରେଲୱେ କର୍ମଚାରୀ ଓ ଇନ୍‌ଷ୍ଟିଚ୍ୟୁଟର ସଦସ୍ୟମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ରେଲୱେ କର୍ମଚାରୀ ପ୍ରଭୁଦତ୍ତ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ହୋଇଥିଲା। ଯାହାଙ୍କର କର୍ତ୍ତବ୍ୟରତ ସମୟରେ ଅକାଳ ପରଲୋକ ଘଟିଥିଲା। ଜଣେ ଜାତୀୟସ୍ତରର ପ୍ରଶଂସିତ ଓ ଅନେକ ଆନ୍ତର୍ଜାତିକ କ୍ରୀଡ଼ାରେ ପୁରସ୍କୃତ ହୋଇଥିବା ଏହି ବ୍ୟାଡମିଣ୍ଟନ କୋଚ୍‌ଙ୍କ ପାଇଁ ରେଳବାଇ ଅନେକ ସାଧୁବାଦ ମଧ ପାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଇନ୍‌ଷ୍ଟିଚ୍ୟୁଟର କାର୍ଯ୍ୟକାରୀ ସଭାପତି ଡକ୍ଟର ଶେଖ୍ ରହେମତୁଲ୍ଲା, ସିପିଓ (ଆଡ଼ମିନ୍) ପ୍ରଭାତ, ନାଲ୍‌କୋ ଅନୁଗୁଳ ପ୍ରୋଜେକ୍ଟର ମ୍ୟାନେଜିଂ ଡାଇରେକ୍ଟର ଦିଲ୍ଲୀପ ସାମନ୍ତରାୟ, ଏଏସ୍‌ଟିଇ ଦୀପକ ପୃଷ୍ଟି ପ୍ରମୁକ ଯୋଗ ଦେଇ ତାଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପ୍ରଭୁଦତ୍ତ ବେହେରାଙ୍କ ସହଧର୍ମିଣୀ ଗୀତାଞ୍ଜଳୀ ବେହେରାଙ୍କୁ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଅବଦାନ ପାଇଁ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ କୃତଜ୍ଞତା ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମନ୍ମଥ ରାଉତ ଓ ନିରଞ୍ଜନ ବାରିକ ଚମ୍ପିଆନ ହୋଇଥିବା ବେଳେ ସୁନୀଲ କୁମାର ଓ ରାମଚନ୍ଦ୍ର ରାଉଳ ରର୍ନସଅପ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ସୁରେଶ କୁମାର ଦାସ ପରିଚାଳନା କରିଥିବେଳେ ଦୀପ୍ତି କୁମାର ନାୟକ, ବିପିନ ସିଂହ, ସତ୍ୟରଞ୍ଜନ ସିଂହ, କପିଳେନ୍ଦ୍ର ବେହେରା, ପ୍ରସନ୍ନ କୁମାର ନାୟକ, ସୁଶାନ୍ତ ରାୟ, ସୁନୀଲ କୁମାର ରାଉତରରାୟ, ସନ୍ତୋଷ ମଲ୍ଲିକ, ଅତନୁ କୁମାର ଜେନା, ସବ୍ୟସାଚୀ ଷଡ଼ଙ୍ଗୀ, ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ସହାୟତା କରିଥିଲେ। କେନ୍ଦ୍ର ସରକାରଙ୍କ 'ଖେଲୋ ଇଣ୍ଡିଆ' ଅନ୍ତର୍ଗତ କାର୍ଯ୍ୟକ୍ରମକୁ ପୂର୍ବତଟ ରେଳବାଇ ସଫଳ ରୂପାୟନ କରି ଉତ୍ସାହୀ ଓ ପ୍ରତିଭାବାନ କ୍ରୀଡ଼ାବିତ୍ ମାନଙ୍କୁ ଆଗେଇ ନେଉଥିବାରୁ ଏହି ଅବସରରେ ଉଚ୍ଚ ପ୍ରଶଂସା କରାଯାଇଥିଲା। କାର୍ଯକ୍ରମରେ ଅନେକ କ୍ରୀଡ଼ା ସଙ୍ଗଠନର କ୍ରୀଡ଼ାକୋଚ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ପାଇଁ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ ଅତିଥି ମି. ପ୍ରଭାତ କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟର କ୍ରୀଡ଼ାଭିତ୍ତିଭୂମିକୁ ଦେଖି ଆନନ୍ଦ ପ୍ରକାଶ କରିବା ସହ ଇନ୍‌ଡୋର ଜିମ୍‌ର ନୂତନ ପ୍ରେକ୍ଷାଳୟ ପାଇଁ ସହାୟତା ପ୍ରକାଶ ନିମିତ୍ତ ଘୋଷଣା କରିଥିଲେ




# କୁନି ଶିଳ୍ପୀ ଆଙ୍କିଲେ ବିଜୁଙ୍କ ବୀରତ୍ୱର ସାଥୀ 'ଡାକୋଟା' ବିମାନ



ଭୁବନେଶ୍ୱର (ପିଏନ୍): ମହାନ୍ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ସେ ଥିଲେ କିମ୍ବଦନ୍ତୀ ନାୟକ। ଏକ ବିରଳ ବ୍ୟକ୍ତିତ୍ୱ। ବିଜୁବାବୁଙ୍କ ବୀରତ୍ୱ ଓ ଅସାଧ କାର୍ଯ୍ୟର ସାଥୀ ଥିଲା 'ଡ଼ାକୋଟା' ବିମାନ। ଏହି ବିମାନ ଥିଲା ତାଙ୍କର ଅଭୁଲା ଅଂଶ। ବହୁ ଚର୍ଚ୍ଚିତ ସାହସିକତା ଓ ବୀରତ୍ୱର ଗାଥା ବହନ କରୁଥିବା ଏହି 'ଡ଼ାକୋଟା' ବିମାନକୁ ବିଜୁଙ୍କ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ନିଆରା ଢଙ୍ଗରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପସ୍ଥ କଲୋନୀ ଫେଜ୍-୨ରେ ଥିବା ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା'ର କୁନି ଶିଳ୍ପୀମାନେ। ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ଓ ଚିତ୍ରଶାଳାର ପ୍ରତିଷ୍ଠାତା ଚିତ୍ରଶିଳ୍ପୀ ଅନସୂୟା ସାହୁଙ୍କ ତତ୍ତ୍ୱାବଧାନରେ କୁନି ଶିଳ୍ପୀମାନେ ମୁରୁଜରେ ତିଆରି କରିଛନ୍ତି ଏହି ଡ଼ାକୋଟା ବିମାନ। ୧୯୪୭ ମସିହାରେ ଏହି ବିମାନ ଦ୍ୱାରା ବିଜୁବାବୁ ଇଣ୍ଡୋନେସିଆର ତତ୍କାଳୀନ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଶତ୍ରୁ କବଳରୁ ରକ୍ଷା କରିଥିଲେ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ନିଜ ଜୀବନକୁ ବାଜି ଲଗାଇ ଅନେକ ଅସାଧ କାର୍ଯ୍ୟକୁ ସାଧ କରିଥିଲେ ଏହି ବିମାନରେ। ଆୟୋଜିତ ଏହି ଚିତ୍ରକଳା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ ଶିଳ୍ପୀଙ୍କ ଏହି ନିଆରା ପ୍ରୟାସକୁ ପ୍ରଶଂସା କରିବା ସହ ବିଜୁବାବୁଙ୍କ ପ୍ରିୟ ଡ଼ାକୋଟା ବିମାନ ଓଡ଼ିଶାର ଅଗଣିତ ଯୁବକମାନଙ୍କ ପାଇଁ ପ୍ରେରଣା ଓ ସାହସିକତାର ଉତ୍ସ ବୋଲି କହିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭଦ୍ରକରେ ଜିଲ୍ଲାସ୍ତରୀୟ ପଂଚାୟତରାଜ ଦିବସ ପାଳିତ

ଭଦ୍ରକ, (ପିଏନ୍)- ମା ଓ ମାଟିକୁ ଭଲପାଉଥିବା ବିଜୁବାବୁ ଥିଲେ ଓଡିଶା ରାଜନୀତିର ଭୀଷ୍ମପିତାମହ ଓ ଭାରତୀୟ ରାଜନୀତିରେ ପ୍ରବାଦପୁରୁଷ। ସେ ନିଜେ ହିଁ ନିଜର ଉଦାହରଣ ଥିଲେ ବୋଲି ଭଦ୍ରକ ଟାଉନ୍‌ହଲ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଦିବସରେ ଯୋଗଦେଇଥିବା ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର ସଭାପତିତ୍ୱ କରି ଜଣେ ବୈମାନିକ ଭାବେ ସେ ଯେଉଁ ଇତିହାସ ରଚି ଯାଇଛନ୍ତି ତାହା ବିରଳ ଓ ଅନତିକ୍ରମଣୀୟ। ଭଦ୍ରକ ଜିଲ୍ଲାପରିଷଦର ଅଧକ୍ଷ ଦ୍ୱିଜବର ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ, ସେ ହେଉଛନ୍ତି ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଓ ନାରୀ ସଶକ୍ତିକରଣ ଏବଂ ଯୁବ ଉତ୍‌ଥାନର ଅଗ୍ରସୂରୀ। ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ପବିତ୍ର ପ୍ରାଣିଗ୍ରାହୀ ବକ୍ତବ୍ୟରେ ଭୂମିପୁତ୍ର ବିଜୁବାବୁ ଥିଲେ ନବ-ଉତ୍କଳର ନିର୍ମାତା, କଳିଙ୍ଗର ଜୈତ୍ରଗୀତି ଗାଇଥିବା ପରିବର୍ତନ-ଝଡର ଇଗଲ ଓ ଜାତୀୟ ରାଜନୀତିର କୃଷ୍ଣସାର କସ୍ତୁରୀମୃଗ। ସମ୍ମାନିତ ବକ୍ତା ଭାବରେ ପ୍ରାଧ୍ୟାପକ ଡ.ନାରାୟଣ ସେନାପତି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକାଶଚନ୍ଦ୍ର ଦାଶ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ ଯୋଗଦେଇ ବିଜୁବାବୁଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଅତିଥି ପରିଚୟ ସହ ପଂଚାୟତିରାଜ ଦିବସର ଆଭିମୁଖ୍ୟ ସମ୍ପର୍କରେ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋଲଖଚନ୍ଦ୍ର ବେହେରା ସଂଯୋଜନା କରିଥିବାବେଳେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବି, ଗଣମାଧ୍ୟମର ପ୍ରତିନିଧିମାନେ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀମାନେ ଯୋଗଦେଇଥିଲେ।ଏହି ଅବସରରେ ପଂଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଓ ପାନୀୟ ଜଳର ସଫଳ କାହାଣୀ ପାୱାରପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

# "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପକ୍ଷରୁ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୦




ଭୁବନେଶ୍ୱର, (ପିଏନ) : ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା କିଛି ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଅଗ୍ରଣୀ ଇଂରାଜୀ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପକ୍ଷରୁ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ଉତ୍ସବ ୨୦୨୦ ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବରେ ମାନ୍ୟବର ମନ୍ତ୍ରୀ (ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ଡଃ. ଅଚ୍ୟୁତ ସାମନ୍ତ (ମାନ୍ୟବର ସାଂସଦ କନ୍ଧମାଳ), ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ (ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ସରକାର), ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ (ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା), ଶ୍ରୀଯୁକ୍ତ ପ୍ରଣବ କୁମାର ଦାସ (ମୁଖ୍ୟ କମିଶନର, ଆୟକର ବିଭାଗ), ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର (ମାନ୍ୟବର ସଚିବ, ଇ ଆଣ୍ଡ ଆଇଟି), ଶ୍ରୀଯୁକ୍ତ ପ୍ରଦୀପ୍ତ ମହାନ୍ତି (ଅଧ୍ୟକ୍ଷ, ଏସ୍‌ଏନ୍‌ଏମ୍ ଗ୍ରୁପ୍), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା, ଫାଲ୍‌କନ୍ ମେରାଇନ୍), ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ (ପୂର୍ବତନ ବିଧାୟକ) ଏବଂ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି (ବରିଷ୍ଠ ସାରସ୍ୱତ ସାଧକ) ପ୍ରମୁଖ ଯୋଗ ଦେଇଥିଲେ । ପତ୍ରିକାର ସମୂହ ସମ୍ପାଦକ ଶ୍ରୀ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଭା କାର୍ଯ୍ୟ ପରେ ପରେ ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୦'ରେ ସମ୍ମାନିତ କରାଯାଇଥିଲା । ଏଥିସହିତ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ କରାଯିବା ସହ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ୍ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ "ଗ୍ଲାଡିଏଟର୍ ୱାରିଅର"ର ଲୋକାର୍ପଣ କରାଯାଇଥିଲା । ପତ୍ରିକାର ସହସମ୍ପାଦକ ଶ୍ରୀ ଶୁଭୋଜିତ୍ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କରୋନା ଭାଇରସ୍ ପାଇଁ ପୁରୀରେ ସତର୍କତା

## ହୋଟେଲରେ ରହୁଥିବା ବିଦେଶୀଙ୍କ ଉପରେ ନଜର

ପୁରୀ, (ପିଏନ)- ଚୀନରେ ସୃଷ୍ଟି ହୋଇଥିବା କରୋନାର କରାଳ ରୂପ ବିଭିନ୍ନ ଦେଶକୁ ଧିରେ ଧିରେ ମାଡି ଚାଲିଲାଣି। ଭାରତରେ ମଧ୍ୟ କରୋନା ଭାଇରସର ସନ୍ଧାନ ମିଳିଛି । ଓଡିଶାରେ ୪ଜଣଙ୍କୁ କରୋନା ପାଇଁ ଚିକିତ୍ସା କରାଯାଉଛି । ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ପୁରୀରେ କରୋନା ସତର୍କତା ପାଇଁ ଜିଲ୍ଲାପାଳ ବଲବନ୍ତ ସିଂ ବିଭିନ୍ନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, କରୋନା ପାଇଁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଉଛି। ବିଶେଷ କରି ବିଦେଶୀଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ହୋଟେଲ ମାଲିକମାନେ ପର୍ଯ୍ୟଟକମାନଙ୍କୁ ଏ ସଂପର୍କରେ ସୂଚନା ଦେବା ସହ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ପୁରୀରେ ଅଧିକାଂଶ ବିଦେଶୀ ହୋଟେଲରେ ରହୁଥିବାରୁ ହୋଟେଲଗୁଡିକ ପ୍ରତି ସ୍ୱାସ୍ଥ୍ୟବିଭାଗ ତୀକ୍ଷ୍ଣ ନଜର ରଖିଛି । ପୁରୀରେ ପ୍ରବେଶ କରୁଥିବା ବିଦେଶୀମାନଙ୍କୁ ଷ୍ଟେସନ ଓ ବସଷ୍ଟାଣ୍ଡରେ ସ୍କ୍ରିନିଂ କରାଯାଉଛି। ସେହିପରି ପୁରୀରେ ଥିବା ସ୍କୁଲଗୁଡିକ ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦ୍ୟାର୍ଥୀମାନଙ୍କୁ ଏକାଠି କରି କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ସଂକ୍ରମିତ ଦେଶକୁ ଯାଇଥିବା ବିଦ୍ୟାର୍ଥୀଙ୍କୁ ସଂପୂର୍ଣ୍ଣ ଯାଂଚ୍ କରାଯିବ । ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ହୋଇଥିବା ଥଣ୍ଡା, କାଶ ଓ ଜ୍ୱର ସଂପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେବେ । ଦରକାର ପଡିଲେ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଟିମ୍ ବିଦ୍ୟାଳୟକୁ ଯାଇ ବିଦ୍ୟାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ । ହଷ୍ଟେଲଗୁଡିକରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଜାତୀୟ କେନ୍ଦ୍ରର ରୋଗ ନିୟନ୍ତ୍ରଣ ଓ ସାଧାରଣ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ନୂଆଦିଲ୍ଲୀ ପକ୍ଷରୁ ସତର୍କତା ସୂଚନା ଦିଆଯାଇଛି । କଫ, କାଶ, ଥଣ୍ଡା ଓ ଜ୍ୱର ହେଲେ ନିକଟସ୍ଥ ଡାକ୍ତରଖାନାରେ ଏହାର ପରୀକ୍ଷା କରିବା ପାଇଁ କୁହାଯାଇଛି । ବର୍ତମାନ ସୁଦ୍ଧା ୭୫ଟି ଦେଶକୁ ଏହି ରୋଗର କରାଳକାୟା ମାଡି ଚାଲିଲାଣି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓଙ୍କ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ଖୋଲାଯାଇଛି । କଂଟ୍ରୋଲ ରୁମର ନମ୍ବର ୦୬୭୫୨-୨୨୨୧୭୫କୁ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ଫୋନ କରିପାରିବେ । କରୋନା ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି । ଡାକ୍ତର ଓ ନର୍ସଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ବ୍ୟବସ୍ଥା ହୋଇଛି । ଜନଗହଳି ପୂର୍ଣ୍ଣ ଅଂଚଳରେ କରୋନା ସଚେତନତା ପାଇଁ ପୋଷ୍ଟର ମରାଯାଇଛି । ଜିଲ୍ଲାରେ ର୍‍ୟାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି । ପ୍ରତି ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିମ୍ ଗଠନ କରାଯାଇଛି । ଏ ସଂପର୍କରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ବୈଠକରେ ଏସପି ଡା. ଉମାଶଙ୍କର ଦାଶ, ପିଡି ଡିଆରଡିଏ ବିଶାଲ ସିଂ, ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, ସିଡିଏମଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।

# ପଂଚାୟତିରାଜ ଦିବସରେ ପଂଚାୟତବାସୀ ପାଳିଲେ କଳା ଦିବସ

ଜଟଣୀ, (ପିଏନ)- ପ୍ରବାଦ ପୁରୁଷ ଓଡିଶାର ପୂର୍ବତନ ମୂଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀକୁ ସାରା ରାଜ୍ୟ ପଂଚାୟତିରାଜ ଦିବସରୁପେ ପାଳନ କରିଆସୁଛି । ବିଜୁବାବୁଙ୍କ ୧୦୪ ତମ ଜନ୍ମ ଜୟନ୍ତୀରେ ଗୁରୁବାର ପାଳନ ହେଉଥିବା ପଚାଂୟତିରାଜ ଦିବସକୁ ଜଟଣୀ ବ୍ଲକ ଅନ୍ତର୍ଗତ ଛଣଘର ପଚାଂୟତ କଳା ଦିବସଭାବେ ପାଳନ କରିଛି । ରାଜ୍ୟ ସରକାର ପଚାଂୟତରାଜ ବ୍ୟବସ୍ଥାକୁ ଲୋକମାନଙ୍କପାଇଁ ଅହେତୁକ କରିଛନ୍ତି । ଗ୍ରାମାଚଂଳର ଶାସନ ଡୋରୀକୁ ସରକାର ସଚିବାଳୟରୁ ନିୟନ୍ତ୍ରଣ କରିବାକୁ ଯୋଜନା କରିଛନ୍ତି । ପଚାଂୟତ କ୍ଷମତାକୁ ସଙ୍କୁଚିତ କରୁଥିବାଭଳି ନିନ୍ଦନୀୟ କାର୍ଯ୍ୟ କରୁଥିବା କହିଥିଲେ । ପଚାଂୟତିରାଜ ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରକରଣ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ଯୋଜନା ଗୁଡିକ ପହଂଚିବାରେ ସହାୟକ ହେବ । ମାତ୍ର ରାଜ୍ୟରେ ଦିନକୁ ଦିନ ସରକାର ଏହାର ଓଲଟା କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ପଂଚାୟତର ନିର୍ବାଚିତ ପ୍ରତିନିଧୀ ହେଉଛନ୍ତି ସରପଂଚ । ଲୋକମାନେ ବିନା ଦ୍ୱିଧାରେ ଏମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି । ତେଣୁ ପ୍ରକୃତରେ ସରପଚଂମାନେ ହିଁ ଲୋକମାନଙ୍କ ସେବକ । ମାତ୍ର ଏହି ସେବାକୁ ଛଡାଇ ନେଇ ସରକାର ବ୍ଲକ ବିଡିଓଙ୍କ ମାଧ୍ୟମରେ କାର୍ଯ୍ୟ କରିବାକୁ ଉଦ୍ୟମ କରି ସରପଚଂମାନଙ୍କ କ୍ଷମତାକୁ ଛଡାଇ ନେଇଛନ୍ତି ବୋଲି ଗୁରୁବାର ଛଣଘର ପଚାଂୟତ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ବିକ୍ଷୋଭକାରୀମାନେ କହିଥିଲେ । ଏହାର ପ୍ରତିବାଦରେ ଛଣଘର ପଂଚାୟତ ସରପଂଚ ସୁନିଲ କୁମାର ରାଉତରାୟଙ୍କ ନେତୃତ୍ୱରେ ପଂଚାୟତର ୧୬ଟି ୱାର୍ଡର ସଭ୍ୟମାନେ କଳା ପୋଷାକ ପରିଧାନ କରି ପଚାଂୟତ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟ ବର୍ଜନ କରି ସମୁଖରେ କଳାଦିବସ ପାଳନ କରିଥିଲେ । ଦିନ ସାରା ଧାରଣାରେ ବସିବା ସହ ପଚାଂୟତରେ ବିଡିଓ ରାଜ ବ୍ୟବସ୍ଥାକୁ ବନ୍ଦ କର, ପଂଚାୟତ ସଚିବଙ୍କ ଚିଠିକୁ ଫେରାଇ ନିଅ । ୭୩ ତମ ସମ୍ବିଧାନ ସଂଶୋଧନ ଆଇନକୁ ଠିକ ଭାବରେ କାର୍ଯ୍ୟକାରୀ କର । ପଲ୍ଲୀ ସଭା ଓ ଗ୍ରାମ ସଭାକୁ ନିୟମିତ ଭାବରେ ଆୟୋଜନ କର । ସରପଂଚ, ସମିତିସଭ୍ୟ, ଜିଲାପରିଷଦସଭ୍ୟମାନଙ୍କୁ ସମ୍ମାନ ଦିଅ । ଏହା ସହିତ ସେମାନଙ୍କର ଭତା ବଢାଅ ଓ ହାତ ପାଣ୍ଠି ପ୍ରଦାନ କର ପ୍ରଭୃତି ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ପ୍ରଫୁଲ କୁମାର ରାଉତରାୟ, ସୁଧାଂଶୁ ମହାନ୍ତୀଙ୍କ ସହିତ ୧୬ଟି ୱାର୍ଡର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

# ଆଗରପଡ଼ାରେ ସାଳନ୍ଦୀ ବିକାଶମଂଚର ବୈଠକ : ସାଳନ୍ଦୀ ଚିରସ୍ରୋତା ରଖିବାକୁ ଗୁରୁତ୍ୱ

ଭଦ୍ରକ, (ପିଏନ)- ଆଗରପଡ଼ାସ୍ଥିତ ଇଲେଭେନଷ୍ଟାର କ୍ଲବ ପରିସରରେ ସାଳନ୍ଦୀ ବିକାଶମଞ୍ଚ ପକ୍ଷରୁ ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ହେମନ୍ତ ସିଂହଙ୍କ ଆବାହକତ୍ୱରେ ଜିଲ୍ଲା ଆବାହକ ପ୍ରତାପ ପାଢୀ ସଭାକୁ ପୌରହିତ୍ୟ କରିଥିଲେ। ଏଥିରେ ଭଦ୍ରକ କମିଟିର ସାମ୍ବାଦିକ ପ୍ରମୋଦ ରାୟ, ଅମ୍ବିକା ପ୍ରସନ୍ନ ଦାସ, ସଞ୍ଜୀବ ମହାନ୍ତି, ଏବଂ ଆଗରପଡ଼ାର ବରିଷ୍ଠ ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, ଫକିର ଚରଣ ବାରିକ, କୈଳାସ ଚନ୍ଦ୍ର ଧଳ, ବିଜେପି ନେତା ଗୋପାଳକୃଷ୍ଣ ଦାଶ ପ୍ରମୁଖ ସାଳନ୍ଦୀ ନଦୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା କ୍ରମଶଃ ଦୂଷିତ ହେବାରେ ଲାଗିଛି। ଏହି ନଦୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ସାଳନ୍ଦୀ ନଦୀ ଚିରସ୍ରୋତା ହୋଇ କିପରି ରହିବ ସେଥିପାଇଁ ଏହି ବିକାଶମଞ୍ଚ ପକ୍ଷରୁ ଉଦ୍ୟମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିସହ ସାଳନ୍ଦୀ ନଦୀକୁ ମାଆ ସମ୍ବୋଧନ କରି ଏହାର ସୁରକ୍ଷା ପ୍ରଥମ କର୍ତବ୍ୟ ହେବ ବୋଲି ଆଜି ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଥିଲା। ବିଶେଷ କରି ଏହି ଜିଲ୍ଲା ସଂଲଗ୍ନ ପାଟକନା ଠାରୁ ଆରମ୍ଭ ହୋଇଥିବା ବିଟିପୁର, ପୁରୁଷଣ୍ଡ, ଗୋପିନାଥପୁର, ମହାନ୍ତିପଡ଼ା, ଋରିଗାଁ, ଅଣିଜୋ, ବଡ଼ମହିଷଗୋଠ ଆଦି ପଞ୍ଚାୟତର ଗ୍ରାମ ନଦୀପଠା ଗୁଡ଼ିକୁ ମାଫିଆମାନେ ବାଲିମାଟି ତାଡ଼ି ନେଉଥିବାରୁ ନଦୀର ଗତିପଥ ପରିବର୍ତନ ଯୋଗୁଁ ଅନେକ ଧନଜୀବନ କ୍ଷତି ଘଟୁଛି ବୋଲି ଆଲୋଚିତ ହୋଇଥିଲା। ଏଥିରେ ରବିନ୍ଦ୍ର କୁମାର ଜେନା, ଦେବେନ୍ଦ୍ର ପାଢୀ, ରମା ନାୟକ, ସୁବାଷ ସାହୁ, ସାମ୍ବାଦିକ ଅକ୍ଷୟ ସିଂହ, ପ୍ରଦ୍ୟୁମ୍ନ ପୁହାଣ, ଆମ ପରିବାରର ସତ୍ୟବ୍ରତ ଜେନା, ମଧୁସୂଦନ ଜେନା, ପ୍ରଦିପ କୁମାର ଜେନା ପ୍ରମୁଖ ଶତାଧିକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ନଦୀ ତଟବର୍ତୀ ଗ୍ରାମ ଗୁଡ଼ିକୁ ଯାଇ ସୁରକ୍ଷା ମଞ୍ଚ ପକ୍ଷରୁ ଲୋକମାନଙ୍କୁ ସଚେତନତା କରାଇବା ସଙ୍ଗେସଙ୍ଗେ ଗ୍ରାମ୍ୟ କମିଟି କରାଯାଇ ବ୍ୟାପକ ଜନଆନ୍ଦୋଳନ କରିବା ନେଇ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଏହି ଜୋନ ପାଇଁ ହେମନ୍ତ ସିଂହଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିବା ବେଳେ ଶେଷରେ ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


# ପଂଚାୟତିରାଜ ଦିବସରେ ପଂଚାୟତବାସୀ ପାଳିଲେ କଳା ଦିବସ

ଜଟଣୀ, (ପିଏନ)- ପ୍ରବାଦ ପୁରୁଷ ଓଡିଶାର ପୂର୍ବତନ ମୂଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀକୁ ସାରା ରାଜ୍ୟ ପଂଚାୟତିରାଜ ଦିବସରୁପେ ପାଳନ କରିଆସୁଛି । ବିଜୁବାବୁଙ୍କ ୧୦୪ ତମ ଜନ୍ମ ଜୟନ୍ତୀରେ ଗୁରୁବାର ପାଳନ ହେଉଥିବା ପଚାଂୟତିରାଜ ଦିବସକୁ ଜଟଣୀ ବ୍ଲକ ଅନ୍ତର୍ଗତ ଛଣଘର ପଚାଂୟତ କଳା ଦିବସଭାବେ ପାଳନ କରିଛି । ରାଜ୍ୟ ସରକାର ପଚାଂୟତରାଜ ବ୍ୟବସ୍ଥାକୁ ଲୋକମାନଙ୍କପାଇଁ ଅହେତୁକ କରିଛନ୍ତି । ଗ୍ରାମାଚଂଳର ଶାସନ ଡୋରୀକୁ ସରକାର ସଚିବାଳୟରୁ ନିୟନ୍ତ୍ରଣ କରିବାକୁ ଯୋଜନା କରିଛନ୍ତି । ପଚାଂୟତ କ୍ଷମତାକୁ ସଙ୍କୁଚିତ କରୁଥିବାଭଳି ନିନ୍ଦନୀୟ କାର୍ଯ୍ୟ କରୁଥିବା କହିଥିଲେ । ପଚାଂୟତିରାଜ ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରକରଣ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ଯୋଜନା ଗୁଡିକ ପହଂଚିବାରେ ସହାୟକ ହେବ । ମାତ୍ର ରାଜ୍ୟରେ ଦିନକୁ ଦିନ ସରକାର ଏହାର ଓଲଟା କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ପଂଚାୟତର ନିର୍ବାଚିତ ପ୍ରତିନିଧୀ ହେଉଛନ୍ତି ସରପଂଚ । ଲୋକମାନେ ବିନା ଦ୍ୱିଧାରେ ଏମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି । ତେଣୁ ପ୍ରକୃତରେ ସରପଚଂମାନେ ହିଁ ଲୋକମାନଙ୍କ ସେବକ । ମାତ୍ର ଏହି ସେବାକୁ ଛଡାଇ ନେଇ ସରକାର ବ୍ଲକ ବିଡିଓଙ୍କ ମାଧ୍ୟମରେ କାର୍ଯ୍ୟ କରିବାକୁ ଉଦ୍ୟମ କରି ସରପଚଂମାନଙ୍କ କ୍ଷମତାକୁ ଛଡାଇ ନେଇଛନ୍ତି ବୋଲି ଗୁରୁବାର ଛଣଘର ପଚାଂୟତ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ବିକ୍ଷୋଭକାରୀମାନେ କହିଥିଲେ । ଏହାର ପ୍ରତିବାଦରେ ଛଣଘର ପଂଚାୟତ ସରପଂଚ ସୁନିଲ କୁମାର ରାଉତରାୟଙ୍କ ନେତୃତ୍ୱରେ ପଂଚାୟତର ୧୬ଟି ୱାର୍ଡର ସଭ୍ୟମାନେ କଳା ପୋଷାକ ପରିଧାନ କରି ପଚାଂୟତ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟ ବର୍ଜନ କରି ସମୁଖରେ କଳାଦିବସ ପାଳନ କରିଥିଲେ । ଦିନ ସାରା ଧାରଣାରେ ବସିବା ସହ ପଚାଂୟତରେ ବିଡିଓ ରାଜ ବ୍ୟବସ୍ଥାକୁ ବନ୍ଦ କର, ପଂଚାୟତ ସଚିବଙ୍କ ଚିଠିକୁ ଫେରାଇ ନିଅ । ୭୩ ତମ ସମ୍ବିଧାନ ସଂଶୋଧନ ଆଇନକୁ ଠିକ ଭାବରେ କାର୍ଯ୍ୟକାରୀ କର । ପଲ୍ଲୀ ସଭା ଓ ଗ୍ରାମ ସଭାକୁ ନିୟମିତ ଭାବରେ ଆୟୋଜନ କର । ସରପଂଚ, ସମିତିସଭ୍ୟ, ଜିଲାପରିଷଦସଭ୍ୟମାନଙ୍କୁ ସମ୍ମାନ ଦିଅ । ଏହା ସହିତ ସେମାନଙ୍କର ଭତା ବଢାଅ ଓ ହାତ ପାଣ୍ଠି ପ୍ରଦାନ କର ପ୍ରଭୃତି ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ପ୍ରଫୁଲ କୁମାର ରାଉତରାୟ, ସୁଧାଂଶୁ ମହାନ୍ତୀଙ୍କ ସହିତ ୧୬ଟି ୱାର୍ଡର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।


# ପ୍ରାଥମିକ ଶିକ୍ଷକ ଫେଡେରେସନ ଭଦ୍ରକ ଶାଖାର କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ, (ପିଏନ)- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ହରିପୁରରୋଡ କଟକ-୧ର ଭଦ୍ରକ ଶାଖା କାର୍ଯ୍ୟକାରିଣୀ ବୈଠକ ଉପସଭାପତି ରଘୁନାଥ ସାନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସମ୍ପାଦକ ମନୋରଂଜନ ନାୟକ ରାଜ୍ୟ କାର୍ଯ୍ୟକାରିଣୀରେ ଆଲୋଚିତ ବିଷୟ ଉପରେ ଆଲୋକପାତ କରିଥିଲେ। ଫେଡେରେସନର ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ଠାରୁ ଶିକ୍ଷାକୁ ଦୂରେଇ ନିଆ ଯାଉଅଛି। ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜନ କରି ପ୍ରକୃତ ଶିକ୍ଷାଦାନ କାର୍ଯ୍ୟରୁ ଶିକ୍ଷକମାନଙ୍କୁ ଦୂରେଇ ରଖା ଯାଉଛି। ଯାହା ଫଳରେ ଶିକ୍ଷାଦାନର ପ୍ରକୃତ ଦକ୍ଷତା ଓ ମାନକୁ ହ୍ରାସ କରାଯାଇ, ଶିକ୍ଷକମାନଙ୍କୁ ଅଯଥା ଦୋଷାରୋପ କରାଯାଉଅଛି ବୋଲି ଆରୋପ କରିଥିଲେ। ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟ ଗୁଡ଼ିକର ଅଭିବୃଦ୍ଧି ଯୋଗୁ ସରକାରୀ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କ ଓ ପିଲା ସଂଖ୍ୟା କମିବାରେ ଲାଗିଛି। ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ତାଲିମ, ଅନ୍‌ଲାଇନ କାର୍ଯ୍ୟ, ରେକର୍ଡପତ୍ର ପ୍ରସ୍ତୁତି, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା - ଇକୋ କ୍ଲବ, ସ୍ୱଚ୍ଛ ଭାରତ, ଦିବସ ପାଳନ ଇତ୍ୟାଦି କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜନ କରାଯାଉଛି। ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମ ଉପଯୁକ୍ତ ଦକ୍ଷତା ନ ଥିବା ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ଏକ ପ୍ରୟାସ ଥିଲା। ଏହାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱାଗତ କରି ଆହ୍ୱାନ ଭାବେ ଗ୍ରହଣ କରି ନିଷ୍ଠାର ସହିତ କାର୍ଯ୍ୟ କରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହି କାର୍ଯ୍ୟକ୍ରମ ଏକ ଦୀର୍ଘ ମିଆଦୀ ହୋଇଥିବାରୁ ଶ୍ରେଣୀୱାରୀ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକ ଅଧ୍ୟୟନରୁ ପିଲାମାନେ ବଞ୍ଚିତ ହେବା ସହିତ ପାଠ୍ୟ ପୁସ୍ତକ ସହିତ ଏହାର କୌଣସି ସମ୍ପର୍କ ନ ଥିବାରୁ ସମାପ୍ତି ସୂଚକ ଆକଳନ (୧ ଓ ୨)ରେ ଏହା ସହାୟକ ହୋଇ ପାରୁ ନାହିଁ। ତେଣୁ ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମକୁ ବନ୍ଦ କରଯାଉ ନଚେତ ଏହାର କାର୍ଯ୍ୟର ଧାରାକୁ ପରିବର୍ତ୍ତନ କରାଯାଉ ବୋଲି ମତପ୍ରକାଶ ପାଇଥିଲା। 'ନିଷ୍ଠା' ତାଲିମ ଯାହାକି ବର୍ତ୍ତମାନ ପରିସ୍ଥିତିରେ ଆଣ୍ଡ୍ରଏଡ୍ ମୋବାଇଲ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଅନଭିଜ୍ଞ ଥିବାରୁ ଏହା ସଫଳ ହୋଇ ପାରିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ ଲାଇନ୍ କାର୍ଯ୍ୟକ୍ରମ ମଧ୍ୟ ପ୍ରହସନରେ ପରିଣତ ହୋଇଛି।

କାରଣ ଅଧିକାଂଶ ସମୟରେ ନେଟୱାର୍କ ରହୁନାହିଁ କିମ୍ବା ବିଦ୍ୟାଳୟରେ କମ୍ପ୍ୟୁଟର ଓ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି। ଫଳରେ ବିଦ୍ୟାଳୟ ସମୟ ଭିତରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କମ୍ପ୍ୟୁଟର ସେଣ୍ଟରକୁ ଯିବାକୁ ପଡୁଛି। ଅନ୍‌ଲାଇନ ସି.ଏଲ.କୁ ଶିକ୍ଷକ ଶିକ୍ଷୟିତ୍ରୀ ତୀବ୍ର ବିରୋଧ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଅତ୍ୟନ୍ତ ଜରୁରୀ ସମୟରେ ସି.ଏଲ. ନିଆ ଯାଇଥାଏ। ତେଣୁ ତାହା ଅନ୍‌ଲାଇନରେ ନେବା ସମ୍ଭବ ନୁହେଁ। ଏହାକୁ ପୂର୍ବଭଳି ଅଫ୍‌ଲାଇନ୍‌ରେ ନେବା ପାଇଁ ଦାବୀ କରାଯାଇଥିଲା। ଏଲିମେଣ୍ଟାରୀ କ୍ୟାଡର ରୁଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା, ନୂତନ ପେନ୍‌ସନକୁ ବାତିଲ କରିବା, ଲେଭେଲ -୪ (ଏକ୍ସ କ୍ୟାଡର) ଓ ଜୁନିଅର ଶିକ୍ଷକଙ୍କ ଦାବୀକୁ ମାନିନେବା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରୁ ଶିକ୍ଷକଙ୍କୁ ନିବୃତ୍ତ ରଖିବା, ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରି ପରିଚାଳନା କମିଟିକୁ ପାଣ୍ଠି ଯୋଗାଇବା, ଶିକ୍ଷକଙ୍କୁ ଶିକ୍ଷାଦାନ ପ୍ରକ୍ରିୟାରେ ସ୍ୱାଧୀନତା ଦେବା, ଛାତ୍ରଛାତ୍ରୀମାନଙ୍କୁ ବେଞ୍ଚ, ଡେସ୍କ ଯୋଗାଇ ଦେବା ଆଦି ଦାବୀ ଗୁଡ଼ିକୁ ଆଲୋଚନା କରାଯାଇ ସରକାର ତଥା ବିଭାଗ ନିକଟରେ ଉପସ୍ଥାପନ ପାଇଁ ରାଜ୍ୟ ସ୍ତରରେ ଗୃହିତ ପ୍ରସ୍ତାବକୁ ଭଦ୍ରକ ଶାଖା ପକ୍ଷରୁ ସମର୍ଥନ କରାଯାଇଥିଲା।

# ସମାଜସେବୀ ଗୟାଧର ସେଠୀଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ପାଳିତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ତିହିଡି ବ୍ଲକ୍ ମଙ୍ଗରାଜପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ପିତା ଗୟାଧର ସେଠୀଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ଶଶିକାନ୍ତ ବିଶ୍ୱାଳ, ଦୁର୍ଗାଚରଣ ନାୟକ, ସଂଗ୍ରାମ କେଶରୀ ମହାନ୍ତି, ବୁଦ୍ଧଦେବ ଜେନା, ଶ୍ରୀଧର ପ୍ରସାଦ ନାଥ, ପ୍ରଫୁଲ୍ଲ ପାଢୀ, ସୀତାକାନ୍ତ ନାୟକ, ଚର୍ତୁଭୁଜ ନାୟକ, ରାମଚନ୍ଦ୍ର ମିଶ୍ର, ମନୋଜ ମଲ୍ଲିକ, ଶରତ ଚନ୍ଦ୍ର ମହାନ୍ତି, ପିତାମ୍ବର ପାତ୍ର, ଶୁକଦେବ ମଳିକ, ସୁରେଶ ସାମଲ, ରଘୁନାଥ ଜେନା, ବୀରେନ୍ଦ୍ର ଜେନା, ସାମ୍ବାଦିକ ପ୍ରଭାତ ରାଉଳ, ମାନସ ରଂଜନ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ନାରାଣ ଚନ୍ଦ୍ର ସେଠୀ, କାଳନ୍ଦୀ ସେଠୀ, ଶୁଭ୍ର ନାରଣ ସେଠୀ ପ୍ରମୁଖ ଗ୍ରାମବାସୀ ଓ ପରିବାର ବର୍ଗ ପରିଚାଳନାରେ ସହଯୋଗ କରିଥିଲେ।

# କଳମପୁର ବ୍ଲକରେ ପଂଚାୟତିରାଜ ଦିବସ ପାଳିତ

କଳମପୁର, (ପିଏନ)- କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ କାର୍ଯାଳୟ ପରିସରରେ ବ୍ଲକ ସ୍ତରୀୟ ପଂଚାୟତିରାଜ ଦିବସ ଗୋଷ୍ଠି ଉନ୍ନୟନ ଅଧିକାରୀ ହେମସାଗର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ବ୍ଲକ ଅଧ୍ୟକ୍ଷା ମଂଜୁଳା ସାହୁ ମୁଖ୍ୟ ଅତିଥୀ , ନୋଡାଲ ଅଫିସର ସିଡିଡିଓ ଚୈତନ୍ୟ ସେଠୀ , ପ୍ରୋବେସନର ମାନସ ରଂଜନ ତ୍ରିପାଠୀ,ଜିପିଇଓ କରୁଣାକର ବାଗ, ବିଧାୟକ ପ୍ରତିନିଧୀ ସଦାନନ୍ଦ ଚନ୍ଦନ , ଦେପୁର ସରପଂଚ ଭୁକଲୁ ବାଗ ପ୍ରମୁଖ ସମ୍ମାନୀତ ଅତିଥୀଭାବେ ଯୋଗ ଦେଇଥିଲେ । ବିଡିଓ ଶ୍ରୀ ଭୋଇ ପଂଚାୟତିରାଜ ଦିବସର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ ପାଳନ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନେଇ ପ୍ରସ୍ତୁତି ବୈଠକ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ଚୈତ୍ର ପର୍ବ-୨୦୨୦ ପାଳନ ଓ ଏହି ଅବସରରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଉପସ୍ଥିତ ଜିଲ୍ଲାସ୍ତରୀୟ ପଦାଧିକାରୀ, ଛଉନୃତ୍ୟ ପ୍ରତିଷ୍ଠାନର ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ ଜଣାଇ ମୟୂରଭଞ୍ଜର ପ୍ରସିଦ୍ଧ ଚୈତ୍ର ପର୍ବ, ଛଉ ନୃତ୍ୟ ଉତ୍ସବର ଐତିହ୍ୟ ପରମ୍ପରାକୁ ବଜାୟ ରଖି ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ଚୈତ୍ର ପର୍ବ ଆସନ୍ତା ଏପ୍ରିଲ୍ ୯ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପାଳନ କରାଯିବା ପାଇଁ ନିଷ୍ପତି ନିଆଯାଇଛି। ଏଥିସହିତ ସରକାରଙ୍କ ପଂଚାୟତିରାଜ ବିଭାଗ(ଓରମାସ) ପକ୍ଷରୁ ଛଉ ପଡିଆ ସଂଲଗ୍ନ କଲେଜ ପଡିଆ ପରିସରରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଏପ୍ରିଲ୍ ୯ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ଅବସରରେ ଏପ୍ରିଲ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ରୁ ରାତି ୯ଟା ପର୍ଯ୍ୟନ୍ତ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ସାଂସ୍କୃତିକ ଦଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପ୍ରିଲ୍ ୧୦,୧୧ ଓ ୧୨ରେ ମୟୂରଭଞ୍ଜ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଯାଇଥିବା ବେଳେ ଜିଲ୍ଲାର ଐତିହ୍ୟ ସଂପନ୍ନ ଚୈତ୍ରପର୍ବର ଛଉନୃତ୍ୟ ସାଂସ୍କୃତିକ ଉତ୍ସବର ପ୍ରଥମ ଦିବସ ୧୦.୦୪.୧୬ରେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଂଚଳରୁ ଯୋଗ୍ୟ ବିବେଚିତ ଗ୍ରାମାଚଂଳ ଛଉନୃତ୍ୟ ଦଳର କଳାକାରଙ୍କ ଦ୍ୱାରା ରାତ୍ର ୧୦ରୁ ନୃତ୍ୟ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଯାଇଅଛି। ସେହିପରି ଉତ୍ସବର ଦ୍ୱିତୀୟ ଦିବସ ୧୧.୦୪.୧୬ ଏବଂ ତୃତୀୟ ଦିବସ ୧୨.୦୪.୨୦୧୦ରେ ବାରିପଦାର ପ୍ରସିଦ୍ଧ ପାରମ୍ପରିକ ଛଉ ନୃତ୍ୟ ପ୍ରତିଷ୍ଠାନ ଯଥା ଉତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଯଥାରୀତି ରାତ୍ର ୧୦ ଟାରୁ ନୃତ୍ୟ ପରିବେଷଣ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ଅବସରରେ ମୟୂରଭଞ୍ଜ ଛଉନୃତ୍ୟ କଳାର ଐତିହ୍ୟ ସଂପର୍କିତ ଛଉଗୁରୁ, ଗବେଷକ, ଲେଖକ, କଳାକାର, ବାଦ୍ୟଯନ୍ତ୍ର, ପୋଷାକ ଆଦି ଉପରେ ପର୍ଯ୍ୟବେଶିତ ଫଟୋଚିତ୍ର ପ୍ରଦର୍ଶନୀ ଓ ବାଲୁକା ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯିବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଛି। ସେହିପରି ପଲ୍ଲିଶ୍ରୀ ମେଳା ବୁଲିବା ଓ ଛଉନୃତ୍ୟ ଦେଖିବାକୁ ଆସୁଥିବା ଦର୍ଶକମାନଙ୍କ ନିମନ୍ତେ ସତନ୍ତ୍ର ଖାଦ୍ୟମେଳା ଆୟୋଜନ କରାଯିବାକୁ ସ୍ଥିରିକୃତ ହୋଇଛି। ଚୈତ୍ର ପର୍ବକୁ ଚିତାକର୍ଷକ ଓ ଲୋକାଭିମୁଖି କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ କାର୍ଯ୍ୟକ୍ରମକୁ ୟୁଟ୍ୟୁବ/ ଟେଲିଭିଜନ ମାଧ୍ୟମରେ ମଧ୍ୟ ସିଧାପ୍ରସାରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଏବଂ ଚୈତ୍ର ପର୍ବ - ଛଉନୃତ୍ୟ କଳା ସଂସ୍କୃତି ଆଧାରିତ ଡିଜିଟାଲାଇଜେସନ୍ (ଇ-ବୁକ୍) ସ୍ମରଣୀକା ପ୍ରକାଶନ ପାଇଁ ନିଷ୍ପତି ନିଆଯାଇଥିବା ବେଳେ ସର୍ବୋପରି ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳାର ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବରିଷ୍ଠ ପ୍ରଶାସନିକ ପଦାଧିକାରୀଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ ବିଭିନ୍ନ ବିଭାଗ ଅଧିକାରୀ ତଥା ସଭ୍ୟମାନଙ୍କୁ ନେଇ ଗଠିତ ବିଭିନ୍ନ କମିଟି ଦ୍ୱାରା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ନିଷ୍ପତି ନିଆଯାଇଅଛି। ଉତ୍ସବ ଅବସରରେ ଜିଲ୍ଲାର ଛଉନୃତ୍ୟ କଳା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ଗୁରୁ ଓ କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ସ୍ୱାଧାଦେବୀ ସିଂ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଂଚଳ ରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପଦାଧିକାରୀ, ଉତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର ସଭାପତି/ ସଂପାଦକ/ ସଭ୍ୟ ଓ ସଭ୍ୟାମାନେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜର ମତପୋଷଣ କରିଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଏକ ପ୍ରେସ ଇସ୍ତାହାରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଓୟୋ ହୋଟେଲସ ଆଣ୍ଡ ହୋମସ୍ ସହାୟତାରେ ମହିଳାମାନେ ହସ୍ପିଟାଲିଟି ଶିଳ୍ପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି

ଭୁବନେଶ୍ୱର : ଉଦ୍ୟୋଗ ପଥରେ ବହୁ ବାଧା ବିଘ୍ନ ଆସିଥାଏ। ତେବେ ଏସବୁର ମୁକାବିଲା କରୁଥିବା ବ୍ୟାକ୍ତି ସଫଳତା ହାସଲ କରିପାରିଥାନ୍ତି। ସମ୍ପ୍ରତି ହସ୍ପିଟାଲିଟି ଶିଳ୍ପ ବେଶ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି କ୍ଷେତ୍ରରେ ଅଧିକ ମହିଳା ନିଜର ପ୍ରତିଭାର ପରିଚୟ ଦେବାକୁ ସକ୍ଷମ ହୋଇପାରୁଛନ୍ତି। ଏପରି ସ୍ଥଳେ ବିଶ୍ୱର ଅଗ୍ରଣୀ ହୋଟେଲ ଶୃଙ୍ଖଳା, ଗୃହ ତଥା ଜମିଜମା ଯୋଗାଣକାରୀ କମ୍ପାନୀ ଓୟୋ ହୋଟେଲସ ଆଣ୍ଡ ହୋମସ ପକ୍ଷରୁ ଏଭଳି ମହିଳାଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ଲାଗି ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଭାରତର କେତେକ ଟୁରିଷ୍ଟ ହଟ୍‌ସ୍ପଟ୍ ଭାବେ ଖ୍ୟାତି ହାସଲ କରିଥିବା କିଛି ମହିଳା ଉଦ୍ୟୋଗୀ ବେଶ୍ ସଫଳ ରହିଛନ୍ତି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ସିମି ଦେବୀ ଖେମ୍‌କା, ଗୌହାଟିର ଡ. ସ୍ୱପ୍ନା ଦତ ହଜାରିକା ଏବଂ ପୁଣେର ଅଳି ପାଟିଲ ଶର୍ମା ନିଜର ପ୍ରତିଭାର ପରିଚୟ ଦେଇ ପାରିଛନ୍ତି। ସେମାନେ ସଫଳତାର ସହିତ ହୋଟେଲ ପରିଚାଳନା ଓୟୋ ହୋଟେଲସ ଆଣ୍ଡ ହୋମସ ସହାୟତାରେ ସମ୍ପନ୍ନ କରିପାରୁଛନ୍ତି। ଓୟୋ ସେମାନଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ଭୁବନେଶ୍ୱର ସିମି ଦେବୀ ଖେମ୍‌କା ନିଜ ପରିବାରର ଅଟୋମୋବାଇଲ୍ ବ୍ୟବସାୟରେ ଆବଶ୍ୟକ ସହାୟତା କରୁଥିଲେ। ତେବେ ସେ ପରବର୍ତୀ ସମୟରେ ହସ୍ପିଟାଲିଟି କ୍ଷେତ୍ରରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ସେ ଓୟୋ ୧୭୪୩୫ ଦି ପିନାକିଲ୍ ହୋମ୍ ଷ୍ଟେର ମାଲିକ ଭାବେ କାର୍ଯ୍ୟ କରୁଛନ୍ତି। ହସ୍ପିଟାଲିଟି ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା ସତ୍ୱ ସିମି ଏଥିରେ ସଫଳ ହୋଇ ପାରିଛନ୍ତି। ସେ କୁହନ୍ତି ମାଟ୍ରିକ୍ ପରୀକ୍ଷା ପରେ ସେ ଅଟୋମୋବାଇଲ୍ ବ୍ୟବସାୟରେ ଟ୍ରେନି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ହୋଟେଲ ଚଳାଇବା ମୋର ଏକ ସ୍ୱପ୍ନ ଥିଲା। ୨୦୧୮ରେ ମୁଁ ଓୟୋ ସହିତ ଯୋଗାଯୋଗ କରିଥିଲି। ଓୟୋ ଟିମ୍ ମୋ ସ୍ୱପ୍ନକୁ ସତ୍ୟରେ ପରିଣତ କରିବା ଲାଗି ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଗୌହାଟିର ଡ. ସ୍ୱପ୍ନା ଦତ ହଜାରିକା ପେଶାରେ ଜଣେ ବଟାନିଷ୍ଟ। ସେ ଏକାଡେମିକ୍ କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ନିଜର ଇନଷ୍ଟିଚ୍ୟୁଟ ମଧ୍ୟ ସେ ଖୋଲିଛନ୍ତି। ୧୯୯୧ରେ ଗ୍ରାଜୁଏଟ୍ ଡିଗ୍ରୀ ପାସ୍ କରିବା ପରେ ୨୦୦୪ରେ ପିଏଚ୍‌ଡି ଡିଗ୍ରୀ ଶେଷ କରିଥିଲେ। ସେ ନିଜର ଏକ କଲେଜ ଗେଟ୍ ଇନଷ୍ଟିଚ୍ୟୁଟ୍ ମଧ୍ୟ ଆରମ୍ଭ କରିଥିଲେ। ସେ ଆସାମ ଦକ୍ଷତା ବିକାଶ ମିଶନର ଜଣେ ଟ୍ରେନିଂ ପାର୍ଟନର। ଏହି ସଂସ୍ଥା ବେକାର ଯୁବବର୍ଗଙ୍କୁ ଏମ୍ବ୍ରୋଡୋରୀ, ହାର୍ଡୱେର ନେଟ୍ ୱାର୍କିଂ ଆଦି ତାଲିମ ଦେଇଥାଏ। ଏବେ ସେ ଓୟୋ ୧୯୦୪୦ ଜିସୁକୁ ଭିଲ୍ଲା ଆଣ୍ଡ୍ ରିସୋର୍ଟର ମାଲିକ ଭାବେ କାର୍ଯ୍ୟ କରୁଛନ୍ତି। ସ୍ୱପ୍ନା କୁହନ୍ତି ମୁଁ ଏବଂ ମୋ ସ୍ୱାମୀ ୨୦୧୬ରେ ଏହି ଫାର୍ମ ହାଉସ୍ ନିର୍ମାଣ କରିଥିଲୁ। ତେବେ ଏହାର କ'ଣ କରିବୁ ଆମେ ଚିନ୍ତା କରିପାରି ନ ଥିଲୁ। ଓୟୋ ଟିମ୍ ସହିତ ଯୋଗାଯୋଗ ପରେ ମୁଁ ହସ୍ପିଟାଲିଟି କ୍ଷେତ୍ରରେ ପାଦ ଦେଇ ଏହାର ୯୫ ପ୍ରତିଶତ ଅକ୍ୟୁପାନ୍ସି ହାସଲ କରିପାରିଛି। ଏହା ସହିତ ମୁଁ ପିଲାଙ୍କୁ ମୋ ହୋଟଲର ତଳ ମହଲାରେ ମାଗଣା ଶିକ୍ଷାଦାନ କରୁଛି। ଏହି ଉତ୍ସାହ ସୃଷ୍ଟିକାରୀ ସଫଳତା କାହାଣୀ ଅନ୍ୟ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ। ପ୍ରତି ଉଦ୍ୟୋଗୀ ନିଜେ ନିଜର ସଫଳତାର କାହାଣୀ ଲେଖିଥାଁନ୍ତି। ତେବେ ଆବଶ୍ୟକ ସହାୟତା ଏବଂ ଉପଯୁକ୍ତ ପ୍ରେରଣା ସେମାନଙ୍କର ସଫଳତାର ପଥକୁ ସହଜ କରି ଗଢ଼ିତୋଳିଥାଏ।

## ସାଟିନ୍ କ୍ରେଡିଟ୍‌କେୟାର ପକ୍ଷରୁ ଓଡ଼ିଶାରେ ମହିଳା ଆର୍ଥିକ ସଶକ୍ତିକରଣ କର୍ମଶାଳା

ଭୁବନେଶ୍ୱର : ଭାରତର ବୃହତ ମାଇକ୍ରୋଫାଇନାନ୍ସ କମ୍ପାନୀ ସାଟିନ୍ କ୍ରେଡିଟ୍‌କେୟାର ନେଟ୍‌ୱର୍କ ଲିମିଟେଡ୍(ଏସ୍‌ସିଏନ୍‌ଏଲ୍) ଓ ନୋରଡିକ୍ ମାଇକ୍ରୋଫାଇନାନ୍ସ ଇନିସିଏଟିଭ୍(ଏନ୍‌ଏମ୍‌ଆଇ) ୧୦ ଜଣିଆ ସଦସ୍ୟଙ୍କ ସହ ମିଶି ଭାରତର ୭ଟି ରାଜ୍ୟରେ ମହିଳା ଆର୍ଥିକ କର୍ମଶାଳାର ଆୟୋଜନ କରିଛି। ଏହି ଶୃଙ୍ଖଳାର ପଞ୍ଚମ ଅଧିବେଶନ ଓଡ଼ିଶାର ବାଲେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଭିନ୍ନ ଜିଲ୍ଲାର ସାଟିନ୍ କ୍ରେଡିଟ୍‌କେୟାର ୧୫୦ଟି ସେଣ୍ଟର ମୁଖ୍ୟ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ଅନନ୍ତପ୍ରସାଦ ପଡା ଏଲ୍‌ଏମ୍‌ଡ (ଲାଇଭ୍‌ହୁଡ୍ ଡେଭଲପ୍‌ମେଣ୍ଟ ମ୍ୟାନେଜର, ୟୁକୋ ବ୍ୟାଙ୍କ), ଶ୍ରୀଯୁକ୍ତ ବିମଳ ଚନ୍ଦ୍ର ଧଳ(ଏଜିଏମ୍ ନାବାଡ), ଶ୍ରୀମତୀ କୁସୁମା ମାଳା ମିଶ୍ର (ଓଏଲ୍‌ଏମ, ମିଶନ ଶକ୍ତି, ପ୍ରୋଜେକ୍ଟ ହେଡ୍), ଶ୍ରୀଯୁକ୍ତ ବିଶ୍ୱଜିତ ପରିଡ଼ା (ଓଏଲ୍‌ଏମ, ମିଶନ ଶକ୍ତି, ପ୍ରୋଜେକ୍ଟ କୋ-ଓଡିନେସନ୍), ଶ୍ରୀ ନିଲୁ ମହାପାତ୍ର (ଏଡିଏମ୍ ବାଲେଶ୍ୱର) ଏବଂ ଶ୍ରୀଯୁକ୍ତ ବିଜୟ ସ୍ୱାଇଁ (ପୂର୍ବତନ କାର୍ଯ୍ୟନିର୍ବାହି ଅଧିକାରୀ ଓଏସ୍‌ଏଏଫ୍‌ଆ, ପୂର୍ବତନ ଏସ୍‌ବିଆଇ ବ୍ୟାଙ୍କର)।

## ରିଅଲ୍‌ମିର ବହୁ ପ୍ରତିକ୍ଷୀତ ରିଅଲ୍‌ମି ୬ ସିରିଜ୍ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଆଜି ଏହାର ବହୁପ୍ରତିକ୍ଷୀତ ରିଅଲ୍‌ମି ୬ ଓ ରିଅଲ୍‌ମି ୬ ପ୍ରୋ ସ୍ମାର୍ଟଫୋନ୍ ସିରିଜ୍‌ର ଶୁଭାରମ୍ଭ କରାଯାଇଛି। ଉଭୟ ସ୍ମାର୍ଟଫୋନ୍ ୯୦ ଏଚ୍‌ଜେଡ୍ ଅଲ୍ଟ୍ରା ସ୍ମୁଥ୍ ଡିସ୍‌ପ୍ଲେ ଦ୍ୱାରା ପରିଚାଳିତ ଏବଂ ଏଥିରେ ୬୪ ଏମ୍‌ପି ଏଆଇ କ୍ୱାଡ୍ କ୍ୟାମେରା, ୩୦ ୱାଟ୍ ଫ୍ଲାସ୍ ଚାର୍ଜ (୬୦ ମିନିଟ୍‌ରେ ୧୦୦% ଚାର୍ଜ), ତିନୋଟି ସିମ ସ୍ଲଟ ଓ ନୂତନ ଫିଚର ସହ ରିଅଲ୍‌ମି ୟୁଆଇ ଆଧାରିତ ଆଣ୍ଡ୍ରଏଡ୍ ୧୦ ଆଦି ଫିଚର ରହିଛି।

## ଟ୍ରୁକଲର୍ ପକ୍ଷରୁ ମହିଳାଙ୍କ ନିମନ୍ତେ ୰ମେକ୍ ଦ କଲ୍ ଅଭିଯାନ ଉନ୍ମୋଚିତ

ଭୁବନେଶ୍ୱର: ଟ୍ରୁକଲର୍ ପକ୍ଷରୁ ମହିଳାମାନଙ୍କୁ ଫୋନ୍ କଲ୍/ ଏସ୍‌ଏମ୍‌ଏସ୍ ଜନିତ ପ୍ରତାରଣା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇ ଆଜି ଭାରତରେ ୰ମେକ୍ ଦ କଲ୍ ଭଳି ଏକ ଜାତୀୟ ସ୍ତରୀୟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ରିପୋର୍ଟରୁ ପ୍ରକାଶ ଯେ, ଭାରତରେ ପ୍ରତି ୧୦ରୁ ୮ ଜଣ ମହିଳା କଲ୍ ଓ ଏସ୍‌ଏମ୍‌ଏସ୍ ମେସେଜ୍ ମାଧ୍ୟମରେ ଫୋନ୍ ଜନିତ ପ୍ରତାରଣା ଓ ବିରକ୍ତିକର କଲ୍ ଓ ଏସଏମଏସର ସମ୍ମୁଖୀନ ହୋଇଥାଁନ୍ତି। ଏହି ରିପୋର୍ଟ ଓ ଅଭିଯାନ ଉପରେ ମତବ୍ୟକ୍ତ କରି ଟ୍ରୁକଲର୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସନ୍ଦୀପ ପାଟିଲ କହିଛନ୍ତି ଯେ, 'ଆମର ଅଭିଯାନ ଲୋକମାନଙ୍କ ଏକ ସମୁଦାୟ ଗଠନ କରୁଛି ଯେଉଁମାନେ କି ମହିଳାମାନଙ୍କୁ ୰ମେକ୍ ଦ କଲ୍ ପାଇଁ ଏବଂ ଏଭଳି ପ୍ରତାରଣା ବିରୋଧରେ ସଂପୃକ୍ତ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ଲାଗି ଗୋଟିଏ ମିଶନରେ ଅଛିଁ। ଟ୍ରୁକଲର୍ ମହିଳାଙ୍କ ବିରୋଧରେ ଯେକୌଣସି ପ୍ରକାରର ନିର୍ଯାତନା ବିରୋଧରେ ଠିଆ ହୋଇଛି।'ଭାରତରେ ପ୍ରତି ୫ରୁ ଜଣେ ମହିଳା ସେକ୍ସୁଆଲ ଓ ଅନୁପଯୁକ୍ତ କଲ୍ ରିସିଭ୍ କରିଥାଁନ୍ତି। ତେବେ ଆମେ ସର୍ଭେ କରିଥିବା ଦେଶଗୁଡିକ (କେନିଆ, କଲମ୍ବିଆ, ବ୍ରାଜିଲ ଓ ଇଜିପ୍ଟ) ତୁଳନାରେ ଭାରତରେ ସର୍ବାଧିକ ମହିଳା ପ୍ରତାରଣାଜନିତ କଲ୍ ଓ ଏସ୍‌ଏମ୍‌ଏସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଁନ୍ତି। ଫୋନ୍ ପ୍ରତାରଣା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷେତ୍ରରେ ଭାରତର ୮୫% ମହିଳା ସଂପୃକ୍ତ ନମ୍ବରକୁ ବ୍ଲକ୍ କରୁଥିବା ବେଳେ ୪୫% ମହିଳା ସେମାନଙ୍କ ଅପରେଟରଙ୍କୁ ଫୋନ୍ କରି ସାହାର୍ଯ୍ୟ ମାଗିଥାଁନ୍ତି ଏବଂ ୪୫% ନମ୍ବର ବିଷୟରେ ଜାଣିବା ପାଇଁ ଚେଷ୍ଟା କରିଥାନ୍ତି। ସବୁଠାରୁ ଚିଂାଜନକ ବିଷୟ ହେଉଛି ୪୪% ମହିଳା ଏହାକୁ ଅଣଦେଖା କରିବାକୁ ପସନ୍ଦ କରିଥାଁନ୍ତି ଏବଂ ୧୨% ମହିଳା ସଂପୃକ୍ତ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥାନ୍ତି। ଭାରତରେ ସର୍ବାଧିକ ପ୍ରଭାବିତ ସହରଗୁଡିକ ମଧ୍ୟରେ ରହିଛିଁ ଚେନ୍ନାଇ, ନୂଆଦିଲ୍ଲୀ, ପୁନେ ଏବଂ କୋଲକାତା। ଏହି ସର୍ଭେ ୨୨ ନଭେମ୍ବର ୨୦୧୯ରୁ ୨୪ ଫେବୃଆରୀ ୨୦୨୦ ମଧ୍ୟରେ ପରିଚାଳିତ ହୋଇଥିଲା।

## ଭାରତରେ ନୂଆ ବିଏମ୍‌ଡବ୍ଲୁ ଏକ୍ସ୧ ଉନ୍ମୋଚିତ

ଭୁବନେଶ୍ୱର : ବିଏମଡବ୍ଲୁ ଇଣ୍ଡିଆ ପକ୍ଷରୁ ଆଜି ଏହାର ୨ୟ-ପିଢ଼ୀର ବିଏମଡବ୍ଲୁ ଏକ୍ସ୧ର ନୂତନ ସଂସ୍କରଣର ବଜାର ପ୍ରବେଶ କରାଯାଇଛି। ନୂତନ ବିଏମଡବ୍ଲୁ ଏକ୍ସ୧ ଏହାର ଉନ୍ନତ ଡିଜାଇନ୍, ଆକର୍ଷଣୀୟ ବୈଶିଷ୍ଟ୍ୟ, ଡ୍ରାଇଭିଙ୍ଗ୍ ଆନନ୍ଦ ଓ ଆରାମ ମଧ୍ୟରେ ଉଚ୍ଚକୋଟୀର ସଂ୍ତୁଳନ ସହ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ବିଏମଡବ୍ଲୁ ଗ୍ରୁପ୍ ପ୍ଲାଂଟ ଚେନ୍ନାଇରେ ଉତ୍ପାଦିତ ଏହି ମଡେଲ୍ କାରଟି ଦେଶର ସମସ୍ତ ବିଏମଡବ୍ଲୁ ଡିଲରସିପ୍‌ରେ ଉଭୟ ପେଟ୍ରୋଲ ବିଏସଭିଆଇ ଓ ଡିଜେଲ ଭାରିଆଂଟ୍‌ରେ ଉପଲବ୍ଧ ହେଉଛି। ବିଏମଡବ୍ଲୁ ଗ୍ରୁପଇଣ୍ଡିଆ, ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରୁଦ୍ରତେଜ୍ ସିଂହ କହିଛନ୍ତି।

## ଉଷା ଇଂଟରନେସନଲ ୬୭ ଅଧିକ ଅଭିନବ ନୂତନ ଉତ୍ପାଦ ଲଂଚ ସହିତ 'ଭବିଷ୍ୟତ ପ୍ରସ୍ତୁତ' ପ୍ରାପ୍ତ କରିଛି

ଚେନ୍ନାଇ/ଭୁବନେଶ୍ୱର : ଭାରତର ଅନ୍ୟତମ ସର୍ବାଧିକ ଭରସାଯୋଗ୍ୟ ଏବଂ ଅଗ୍ରଣୀ ଗ୍ରାହକ ଡ୍ୟୁରେବେଲଜ ବ୍ରାଣ୍ଡ ବିଭିନ୍ନ, ଉଷା ବିଭିନ୍ନ ବର୍ଗରେ ୬୭ ନୂତନ ଘରୋଇ ଉପକରଣ ଏକ ଅଭିନବ ରେଂଜ ରେ ଲଂଚ କରିଛିଁ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ସମ୍ବୋଧନ କରିବା ଏବଂ ସେମାନଙ୍କର ସ୍ଥିତ ପୋର୍ଟଫୋଲିୟ କୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ବିଭିନ୍ନ ବର୍ଗରେ ଏହାର ଉଚ୍ଚ ବୃଦ୍ଧି ସଂବେଗ ଜାରି ରଖିବା ପାଇଁ ବ୍ରାଣ୍ଡ ଆଶା କରିଛିଁ। ଏକ ବହୁତ ଭଲ ମୂଲ୍ୟରେ ବର୍ଗରେ-ସର୍ବୋତମ ବୈଶିଷ୍ଟ୍ୟ ପ୍ରଦାନ କରୁଥିବା ଉତ୍ପାଦକୁ ଭବିଷ୍ୟତ-ପ୍ରସ୍ତୁତ ପ୍ରାଦ୍ୟୋଗୀକି ଏବଂ ସୁବିଧା ସହିତ ପ୍ରତ୍ୟେକ ଭାରତୀୟ ପରିବାରରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଲାଷ୍ଟ୍ରା ଗେସ କୁକଟପ, ଇଣ୍ଡାକ୍ସନ କୁକଟପ, ଥାଣ୍ଡରବୋଲ୍ଟ ଏବଂ ଟ୍ରାଇଏନର୍ଜି ମିକଶ୍ଚର ଗ୍ରାଇଣ୍ଡର, ରାଇସ କୁକର, କଲୋସଲ ୱେଟ ଗ୍ରାଇଣ୍ଡର, ଏୟାର କୁଲର, ସ୍ମାର୍ଟ ଆଇରନ ଏବଂ ଅନ୍ୟାନ୍ୟ ଅନେକ ଘର ଓ ରୋଷେଇ ସମ୍ବନ୍ଧିତ ଭର୍ଟିକଲ ଉପକରଣ ଏହି ଉତ୍ପାଦରେ ଅଂର୍ଭୁକ୍ତ ଅଟେ। ଉପକରଣ କ୍ରୟ କରିବା ବେଳେ ସୌନ୍ଦର୍ଯ୍ୟତା ବର୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ଭୂମିକା ନିଭାଇ ଥାଏ। ଏହି ବର୍ତମାନର ଟ୍ରେଣ୍ଡ ସହିତ ଭଲ ବୁଝାମଣା ଅନୁରୂପ ମଜେଂଟଷ୍ଟ ଏବଂ ରେଡ'ର ଜୀବ' ହ୍ୟୁ'ରେ ରୋଷେଇ ଉପକରଣର ଉଲ୍ଲସିତ ରଙ୍ଗର ଏକ ରେ ଉଷା ପ୍ରବେଶ କରାଇଛନ୍ତି।

## ଦର୍ଲିପାଲିରେ ଏନ୍‌ଟିପିସିର ୨ୟ ୟୁନିଟ୍ ଅତିଶିଘ୍ର କାର୍ଯ୍ୟକ୍ଷମ ହେବ




ଭୁବନେଶ୍ୱର : ଭାରତ ସରକାରଙ୍କ ସର୍ବବୃହତ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ କମ୍ପାନୀ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିମିଟେଡ (ଏନ୍‌ଟିପିସି) ଓଡ଼ିଶାର ସୁନ୍ଦରଗଡ ଜିଲା ଦର୍ଲିପାଲିରେ ସ୍ଥାପନ ହୋଇଥିବା ଏହାର ପ୍ରଥମ ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ୟୁନିଟକୁ ଚଳିତ ମାସ ପହିଲାରେ ଶୁଭାରମ୍ଭ କରିଛି। କମ୍ପାନୀ ଏହାର ସୁପର ପାୱାର ଥର୍ମାଲ ଷ୍ଟେଶନର ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଦ୍ୱିତୀୟ ୟୁନିଟକୁ ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ସୁଦ୍ଧା କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖିଥିବା କଥା ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ହୋଟେଲ ଏଚ୍‌ଏଚ୍‌ଆଇରେ ସୂଚନା ଦିଆଯାଇଛି। ଆଗାମୀ ୬ ମାସ ମଧ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜିୟନ-୨) ସଞ୍ଜୀବ କିଶୋର କହିଛନ୍ତି ଯେ, ଦର୍ଲିପାଲିରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ ଶକ୍ତି ମଧ୍ୟରୁ ୪୭୦ ମେଗାୱାଟ ଶକ୍ତି ଓଡ଼ିଶା ପାଇବ। ତ୍ରିପୁରା, ଆସାମ ଏବଂ ମେଘାଳୟ ଭଳି ରାଜ୍ୟ ସହ କମ୍ପାନୀ ବିକ୍ରି ଚୁକ୍ତିରେ ସାମିଲ ହୋଇଛି। ଏହା ବ୍ୟତିତ ବିହାର ଓ ଛତିଶଗଡ଼ ରାଜ୍ୟକୁ ମଧ୍ୟ କିଛି ପରିମାଣର ବିଦ୍ୟୁତ ଯୋଗାଇ ଦିଆଯିବ। ଓଡିଶାରେ ହାରାହାରି ପ୍ଲାଂଟ୍ ଲୋଡ ୭୫% ରହିଛି। ସାରା ଦେଶରେ ଏହି ହାର ୬୭.୧୩% ରହିଛି। ଦେଶର ସବୁ ଶକ୍ତି ପିଏଲ୍‌ଏଫ ୫୫.୮୪% ରହିଛି। କୋଇଲା ଅଭାବ ଏବଂ ଶକ୍ତି ଚାହିଦା କମିଲେ ଥର୍ମାଲ ପାୱାର ପ୍ଲାଂଟ ଗୁଡ଼ିକର ଲୋଡ କମିଥାଏ। ଏନ୍‌ଟିପିସି ଇଷ୍ଟନ୍‌ରିଜନ୍-୨ ର କ୍ଷମତା ୫୦୨୦ ମେଗାୱାଟ୍ ରହିଛି। ତାଲଚେର୍ ଥର୍ମାଲ ୪୬୦ ମେଗାୱାଟ୍, ତାଲଚେର୍ ସୁପରଥରମାଲ ୩୦୦୦ ମେଗାୱାଟ୍ , କଣିହା ସୋଲାର ପାୱର ପ୍ଲାଂଟ ୧୦ ମେଗାୱାଟ୍ , ଦର୍ଲିପାଲି ସୁପର ପାୱର ୮୦୦ ମେଗାୱାଟ୍ ଏବଂ ଆସାମର ବଙ୍ଗାଇଗାଉଁରେ ୩ୟୁନିଟ୍ (୭୦୦) ମେଗାୱାଟ୍ ସାମିଲ ରହିଛି। ସାରା ଦେଶରେ ଏନ୍‌ଟିପିସିର ୨୪ଟି କୋଇଲା ପାୱାର ପ୍ଲାଂଟ୍ ରହିଛି ଏବଂ ମୋଟ ୫୮,୧୫୬ ମେଗାୱାଟ୍ ଉତ୍ପାଦନ ହେଉଛି। କମ୍ପାନିର ଗୋଟିଏ ଜଳ ବିଦ୍ୟୁତ ଏବଂ ୧୧ଟି ସୌର ଶକ୍ତି ପ୍ଲାଂଟ ମଧ୍ୟ ରହିଛି। ତାଳଚେର ଥର୍ମାଲଠାରେ ୨ଟି ନୂଆ ୟୁନିଟ୍ ସ୍ଥାପନ କରାଯାଇ ୭୬୯୪ କୋଟି ଟଙ୍କା ବ୍ୟୟରେ ୧୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ସୁନ୍ଦରଗଡ଼ରେ ଏନ୍‌ଟିପିସିର ଏକ ମେଡ଼ିକାଲ୍ କଲେଜ ନିର୍ମାଣଧିନ ରହିଛି।




ପୁରୀ : ପବିତ୍ର ଫଗୁ ଦଶମୀରେ ଅନ୍ନପୂର୍ଣ୍ଣା ରଙ୍ଗମଂଚରେ ବସନ୍ତ ଉତ୍ସବ - ୨୦୨୦ ଅନୁଷ୍ଠିତ

## ଭାରତ ସରକାରଙ୍କ ସହାୟତାରେ ରପ୍ତାନି-ଆମଦାନି (ଏକ୍‌ଜିମ) ବ୍ୟାଙ୍କର ଋଣ ବ୍ୟବସ୍ଥା (ଲାଇନ ଅଫ କ୍ରେଡିଟ)ରେ ବ୍ୟବସାୟ ସୁଯୋଗ ଉପରେ କର୍ମଶାଳା

ଭୁବନେଶ୍ୱର : ବିଶେଷକରି ବିକାଶଶୀଳ ରାଷ୍ଟ୍ରଗୁଡିକ ସହିତ ଭାରତର ବାଣିଜ୍ୟିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଅଧିକ ଆଗେଇନେବା ଲକ୍ଷ୍ୟରେ ଭାରତ ସରକାର ୨୦୦୩-୦୪ ଆର୍ଥିକ ବର୍ଷପାଇଁ ସାଧାରଣ ବଜେଟରେ ଭାରତ ବିକାଶ ପ୍ରୟାସ (ଇଣ୍ଡିଆ ଡେଭଲପମେଣ୍ଟ ଇନିସିଏଟିଭ/ଆଇଡିଆଇ) ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୫ ଜୁଲାଇ ମାସରେ ଉକ୍ତ ଯୋଜନାକୁ ଭାରତୀୟ ବିକାଶ ଏବଂ ଅର୍ଥନୈତିକ ସହାୟତା ଯୋଜନା (ଆଇଡିଇଏସ) ନାମରେ ପୁନଃନାମିତ କରାଯାଇଥିଲା ଏବଂ ସମ୍ପ୍ରତି ପ୍ରଚଳିତ ନିର୍ଦ୍ଦେଶାବଳୀ ଅର୍ଥନୈତିକ ବ୍ୟାପାର ବିଭାଗ (ଡିଇଏ) ପକ୍ଷରୁ ୨୦୧୫ ଡିସେମ୍ବର ୭ ତାରିଖରେ ପ୍ରଚଳନ କରାଯାଇଥିଲା, ଯାହା ଭାରତ ସରକାରଙ୍କ ନିର୍ଦ୍ଦେଶରେ ଏକ୍‌ଜିମ ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଋଣ ସହାୟତା ସୁବିଧାକୁ ନିୟନ୍ତ୍ରିତ କରୁଛି। ୨. ଋଣ ସହାୟତା ବିକାଶଶୀଳ ରାଷ୍ଟ୍ରଗୁଡିକରେ ବିଳମ୍ବିତ ଋଣ ସର୍ତ୍ତାବଳୀରେ କ୍ରେତାମାନଙ୍କୁ ଭାରତରୁ ବିକାଶମୂଳକ ଏବଂ ଭିତ୍ତିଭୂମି ପ୍ରକଳ୍ପ, ଉପକରଣ, ସାମଗ୍ରୀ ଓ ସେବା ଆମଦାନୀ କରିବାକୁ ସମର୍ଥ କରାଉଛି। ଭାରତୀୟ କମ୍ପାନୀଗୁଡିକ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେଉଛିଁ କାରଣ ଋଣ ସହାୟତା କାର୍ଯ୍ୟକ୍ରମ ଅଧୀନରେ ସର୍ବନିମ୍ନ ୭୫% ମୂଲ୍ୟର ସାମଗ୍ରୀ ଓ ସେବା ଭାରତରୁ ଖରିଦ କରାଯାଇଥାଏ। ଯେହେତୁ କେବଳ ଭାରତୀୟ କମ୍ପାନୀଗୁଡିକ ଋଣ ସହାୟତା ପ୍ରକଳ୍ପଗୁଡିକରେ ଅଂଶଗ୍ରହଣ କରିପାରିବେ, ସେଥିପାଇଁ ଯେଉଁସବୁ ରାଷ୍ଟ୍ରଗୁଡିକୁ ପ୍ରବେଶ କରିବା କଷ୍ଟକର ମନେହେଉଛି ସେ କ୍ଷେତ୍ରରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏହା ପ୍ରବେଶ ସ୍ଥଳଭାବେ କାର୍ଯ୍ୟକରୁଛି ଏବଂ ଏହାର ସକାରାତ୍ମକ ପ୍ରଭାବ ରହିଛି। ଅନେକ କ୍ଷେତ୍ରରେ ଋଣ ସହାୟତା କାର୍ଯ୍ୟକ୍ରମ ଭାରତୀୟ କମ୍ପାନୀଗୁଡିକୁ ବିଦେଶୀ ରାଷ୍ଟ୍ରଗୁଡିକରେ ନିଜର ସ୍ଥିତି ପ୍ରତିଷ୍ଠା ସହିତ ଅଭିବୃଦ୍ଧି ହାସଲ କରିବା ଦିଗରେ ମୂଳଦୁଆ ଯୋଗାଇଦେଉଛି। ୩. ୨୦୨୦ ଜାନୁଆରୀ ୩୧ ତାରିଖ ସୁଦ୍ଧା ଏକ୍‌ଜିମ ବ୍ୟାଙ୍କ ୫ଟି ମହାଦେଶରେ ୬୧ଟି ରାଷ୍ଟ୍ର ସହିତ ୨୫୮ଟି ଋଣ ସହାୟତା ଯୋଜନାରେ ସ୍ୱାକ୍ଷର କରିଛି ଏବଂ ଏଥିରେ ୨୫.୧୪ ବିଲିଅନ ଆମେରିକୀୟ ଡଲାର ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି। ଏହାବ୍ୟତୀତ ୫.୫୦ ବିଲିଅନ ଆମେରିକୀୟ ଡଲାର ପ୍ରଦାନ ନିମନ୍ତେ ଆଉ ୪୨ଟି ଋଣ ସହାୟତା କାର୍ଯ୍ୟକ୍ରମ ପାଇପ ଲାଇନ୍‌ରେ ରହିଛି।

## ଆନ୍ତର୍ଜାତୀୟ ମହିଳା ଦିବସ ନିମନ୍ତେ ଡଃ ବାତ୍ରାସ୍‌ର ମାଗଣା ହୋମିଓପାଥିକ୍ ଚିକିତ୍ସା

ଭୁବନେଶ୍ୱର : ଡଃ ବାତ୍ରାସ୍ କ୍ଲିନିକ୍ ପକ୍ଷରୁ ଆସନ୍ତା ମାର୍ଚ୍ଚ ୭ ଓ ୮ ତାରିଖରେ ମହିଳାମାନେ ଯେକୌଣସି ଡଃ ବାତ୍ରାସ୍ କ୍ଲିନିକ୍‌କୁ ଏକ ମାଗଣା ହୋମିଓପାଥିକ୍ ପରାମର୍ଶ ପାଇଁ ଯାଇପାରିବେ। ମହିଳାମାନେ ଆମ ସମାଜର ମେରୁଦଣ୍ଡ ଅଟଁ, ସେମାନେ ନିଜ ପରିବାରର ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ବହୁତ କଷ୍ଟ ଉଠାଇଥାଁନ୍ତି ଏବଂ ବେଳେ ନିଜ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ବିପଦରେ ପକାଇଥାନ୍ତି। ଏହା ଥାଇରଏଡ୍ ସମସ୍ୟା ହେଉ କିମ୍ବା ପିସିଓଏସ୍, ରଜନିବୃତି, ବନ୍ଧ୍ୟାପଣ, ମାଇଗ୍ରେନ୍, ହୋମିଓପାଥିରେ ପ୍ରତ୍ୟେକ ରୋଗ ପାଇଁ ଏକ ସୁରକ୍ଷିତ, ପ୍ରାକୃତିକ ଓ ସୁଲଭ ମୂଲ୍ୟର ସମାଧାନ ରହିଛି। ଡଃ ବାତ୍ରାସ୍ କ୍ଲିନିକ୍‌ରେ ହାରାହାରି ୭୦,୦୦୦ ମହିଳା ରୋଗୀଙ୍କ ମଧ୍ୟରୁ ଥାଇରଏଡ୍ ସମସ୍ୟା ଥିବା ୯୬.୬%ଙ୍କଠାରେ ସେମାନଙ୍କ ହୋମିଓପାଥିକ୍ ଚିକିତ୍ସାରୁ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଥିଲା। ପାରମ୍ପରିକ ଓ ବୈକଳ୍ପିକ ଔଷଧ ଉପରେ ଆୟୋଜିତ ୨ୟ ଆଂର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀରେ ଉପସ୍ଥାପନ କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟ ପ୍ରମାଣ କରିଛି ଯେ, ପାରମ୍ପରିକ ଔଷଧ ଦ୍ୱାରା ଚିକିତ୍ସା କରାଯାଇ ପାରିନଥିବା ପିସିଓଏସ୍ ରୋଗୀଙ୍କର ଦିଆଯାଇଥିବା ଏକ ସାମ୍ପଲ ସାଇଜ୍‌ରୁ ୬୯% ମାମଲାକୁ ହୋମିଓପାଥି ଦ୍ୱାରା ସଫଳତାର ସହ ଚିକିତ୍ସା କରାଯାଇଛି। ସେହିଭଳି ଡଃ ବାତ୍ରାସ୍ କ୍ଲିନିକ୍‌ରେ ପିସିଓଏସ୍ ଥିବା ୬୩୬୦ ଜଣ ମହିଳା ରୋଗୀ ସେମାନଙ୍କର ହୋମିଓପାଥିକ ଚିକିତ୍ସାରୁ ସକାରାତ୍ମକ ଫଳାଫଳ ପାଇପାରିଛନ୍ତି। ଡଃ ବାତ୍ରାସ୍ କ୍ଲିନିକ୍‌ରେ ରଜୋନିବୃତିର ସାମ୍ନା କରୁଥିବା ହାରାହାରି ୬୩୧୩ ଜଣ ମହିଳା ରୋଗୀ ହୋମିଓପାଥିକ୍ ଚିକିତ୍ସା ଦ୍ୱାରା ସକାରାତ୍ମକ ଫଳାଫଳ ପାଇଛନ୍ତି।

## ଭୁବନେଶ୍ୱର ଠାରେ ଆରମ୍ଭ ହେଲା 'କ୍ଲିନ୍ ଟୁ ଗ୍ରୀନ୍' ଅଭିଯାନ

ଭୁବନେଶ୍ୱର : ଲଜିଷ୍ଟିକ୍ ସେବା ପ୍ରଦାନରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ରିବର୍ସ ଲଜିଷ୍ଟିକ୍ ଗ୍ରୁପ(ଆରଏଲ୍‌ଜି)ଭୁବନେଶ୍ୱରରେ ନିଜରେ 'କ୍ଲିନ୍ ଟୁ ଗ୍ରୀନ୍' ଅଭିଯାନର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଲୋକ ମାନଙ୍କ ମଧ୍ୟରେ ଇଲୋକ୍‌ଟ୍ରୋନିକ୍ସ ସାମଗ୍ରୀ ଗୁଡ଼ିକୁ ରିସାଇକେଲ କରିବା ସହ ଏହା ଉପରେ ସଚେତନତା ପ୍ରଦାନ କରିବା। 'କ୍ଲିନ୍ ଟୁ ଗ୍ରୀନ୍' ଅଭିଯାନ ଅଂର୍ଗତ ଭୁବନେଶ୍ୱରର ଡୋନ ଇଣ୍ଟରନ୍ୟାସନାଲ୍ ସ୍କୁଲ, ମଦର ପବ୍ଲିକ୍ ସ୍କୁଲ, ଭେକଟସ୍ୱର ଇଙ୍ଗଲିସ୍ ମିଡିୟମ୍ ସ୍କୁଲ୍, ଜ୍ଞାନଜୋତି ପବ୍ଲିକ୍ ସ୍କୁଲରେ ୪,୩୦୦ରୁ ଅଧିକ ଲୋକଙ୍କୁ ଇ-ୱେଷ୍ଟ ବ୍ୟବହାର ଓ ବିକ୍ରି ସମ୍ବନ୍ଧରେ ପ୍ରଶୀକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଆରଏଲଜି ଭାରତର, ପରିଚାଳନା ନିର୍ଦ୍ଦେଶକ, ଶ୍ରୀମତୀ ରାଧିକା କାଳିଆ କହିଛନ୍ତି।

## ବ୍ରିଟାନିଆ ମ୍ୟାରି ଗୋଲ୍ଡ ପକ୍ଷରୁ ଗୃହିଣୀଙ୍କ ପାଇଁ ଭାରତର ପ୍ରଥମ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର: ବ୍ରିଟାନିଆ ମ୍ୟାରି ଗୋଲ୍ଡ ପକ୍ଷରୁ ଆଜି ଏହାର ବାର୍ଷିକ 'ବ୍ରିଟାନିଆ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟ ଅପ୍' ଯୋଜନାର ୨ୟ ସଂସ୍କରଣର ଉନ୍ମୋଚନ କରାଯାଇଛି ଯାହାକି ଗୃହିଣୀମାନଙ୍କୁ ଉଦ୍ୟୋଗୀ ବିଚାର ସହ ଆର୍ଥିକ ସହାୟତା ପ୍ରଦାନ କରିବ। ଭାରତର ପ୍ରଥମ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଲାଗି ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ସହ ସହଭାଗିତା କରିଛି। ଦେଶବ୍ୟାପୀ ମୋଟ ୧୦,୦୦୦ ଗୃହିଣୀ ଏପ୍ରିଲରୁ ଜୁନ୍ ୨୦୨୦ ମଧ୍ୟରେ ଏହି ଅନ୍‌ଲାଇନ୍ ସାର୍ଟିଫିକେଟ୍ କୋର୍ସ ଶେଷ କରିବେ। ସେହିପରି ଏଂଟରପ୍ରେନ୍ୟୋର୍‌ସିପ୍‌ର ସମସ୍ତ ପ୍ରମୁଖ ବିଷୟ ଉପରେ ସେମାନଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅନ୍‌ଲାଇନ୍ ପାଠ୍ୟକ୍ରମ ଏନ୍‌ଏସ୍‌ଡିସିର ସ୍କିଲ୍‌ଇଣ୍ଡିଆ ପୋର୍ଟାଲରେ ଉପଲବ୍ଧ ହେବ ଯାହା ଡିଜିଟାଲ ମାଧ୍ୟମରେ ଭାରତ ସରକାରଙ୍କ କୌଶଳ ଭାରତ ମିଶନକୁ ସଂଚାଳନ କରିବ। ଏହି ଇ-ପାଠ୍ୟକ୍ରମ ମହିଳାମାନଙ୍କୁ ମୌଳିକ ଯୋଗାଯୋଗ ଦକ୍ଷତା, ସୂଚନା ଓ ଯୋଗାଯୋଗ ପ୍ରାଦ୍ୟୋଗିକ (ଆଇସିଟି) ସହ ଆର୍ଥିକ ସ୍ୱାକ୍ଷରତା ଏବଂ ସାମାଜିକ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ ମାଇକ୍ରୋ ଉଦ୍ୟୋଗୀ ଦକ୍ଷତା ହାସଲ କରିବା ପାଇଁ ସଶକ୍ତ କରିବ। ଏହି ଅନ୍‌ଲାଇନ୍ ପ୍ରଶିକ୍ଷଣ ଦେଶବ୍ୟାପୀ ଗୃହିଣୀମାନଙ୍କୁ ସେମାନଙ୍କ ଘରେ ବସି ପାଠ୍ୟକ୍ରମ ପର୍ଯ୍ୟ' ସହଜ ପହଂଚ ପ୍ରଦାନ କରିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ ହେବ। ଏହାର ଡିଜିଟାଲ ସ୍କିଲିଙ୍ଗ୍ କଂଟେଂଟ୍ ଗଠନମୂଳକ ଓ ସଂକ୍ଷିପ୍ତ ମୂଲ୍ୟାଙ୍କନ ଦ୍ୱାରା ସମର୍ଥିତ ହେବ ଏବଂ ପାଠ୍ୟକ୍ରମକୁ ସଫଳତାର ସହ ଶେଷ କରିବା ପରେ ଅଂଶଗ୍ରହଣକାରୀଙ୍କୁ ଇ-ସାର୍ଟିଫିକେସ୍ ପ୍ରଦାନ କରାଯିବ।

## ଦେବାଳିଆ ୟେସ୍ ବ୍ୟାଙ୍କରେ ବୁଡ଼ିଯିବ ଜଗନ୍ନାଥଙ୍କ ୫୪୫ କୋଟି ଜମା ଟଙ୍କା : ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

ଭୁବନେଶ୍ୱର : ୟେସ୍ ବ୍ୟାଙ୍କରେ ଜମାଥିବା ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ବୁଡ଼ିଯିବାର ଆଶଙ୍କା ଦେଖାଦେଇଛି । କାରଣ ଗତକାଲି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ୟେସ୍ ବ୍ୟାଙ୍କର ଦେବାଳିଆ ସ୍ଥିତି ଦେଖି କୌଣସି ଜମାକାରୀ ଆସନ୍ତା ଏକ ମାସ ଭିତରେ ୫୦ ହଜାର ଟଙ୍କାରୁ ଅଧିକ ଜମା ଉଠାଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି । ରିଜର୍ଭ ବ୍ୟାଙ୍କର ଏହି ନିର୍ଦ୍ଦେଶନାମା ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି । କାରଣ ଏଠାରେ ପ୍ରକାଶଥାଉକି, ଜଗନ୍ନାଥ ମନ୍ଦିର ପ୍ରଶାସନର ମନମୁଖୀ କାରବାର ଯୋଗୁଁ ପ୍ରଭୁଙ୍କର ୫୪୫ କୋଟି ଜମାଟଙ୍କା ୟେସ୍ ବ୍ୟାଙ୍କ ପୁରୀ ଜିଲ୍ଲା ଶାଖାରେ ଜମା କରାଯାଇଥିଲା । ଯଦିଓ କୌଣସି ଘରୋଇ ବ୍ୟାଙ୍କରେ ସରକାରୀ ଟଙ୍କା ରଖିବା ନିୟମ ନଥିଲା ତଥାପି ପରିଚାଳନା କମିଟି ଏହି ନିୟମକୁ ବେଖାତିର କରି ନିଜର ବ୍ୟକ୍ତିଗତ ସ୍ୱାର୍ଥପାଇଁ ଘରୋଇ ୟେସ୍ ବ୍ୟାଙ୍କ ଭଳି ଏକ ଦେବାଳିଆ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କାକୁ ଜମା କରିଥିଲା । ଆଜି ଯେତେବେଳେ ଏହି ବ୍ୟାଙ୍କ ଦେବାଳିଆ ଅବସ୍ଥାକୁ ଆସି ବୁଡ଼ିଯିବାକୁ ବସିଛି ମହାପ୍ରଭୁଙ୍କ ଟଙ୍କା ମଧ୍ୟ ବୁଡ଼ିଯିବାର ଆଶଙ୍କାକୁ ଏଡାଯାଇନପାରେ । ଏହାକୁ କେନ୍ଦ୍ର କରି ଗତ ବିଧାନସଭା ସମୟରେ ବହୁତ ତୁମ୍ଭିତୋଫାନ ହୋଇଥିଲା । ବହୁ ବିଧାୟକ ମହାପ୍ରଭୁଙ୍କ ଜମାଟଙ୍କା ନେଇ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେସଙ୍ଗେ ତୁରନ୍ତ ୟେସ୍ ବ୍ୟାଙ୍କ୍‌ରୁ ଏହି ଟଙ୍କାକୁ ଉଠାଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଜମା କରିବାକୁ ଦାବି କରିଥିଲେ । ବିଧାୟକମାନଙ୍କ ଉଦ୍‌ବେଗକୁ ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଗୃହକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାକୁ ୟେସ୍ ବ୍ୟାଙ୍କରୁ ଉଠାଯାଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମାର୍ଚ୍ଚ ୧୯ରୁ ୩୦ ତାରିଖ ମଧ୍ୟରେ ଜମା କରାଯିବ । କିନ୍ତୁ ଆଜି ଯେତେବେଳେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏଭଳି ନିର୍ଦ୍ଦେଶନାମା ଜାରୀ କରିଛନ୍ତି ସେତେବେଳେ ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ଅର୍ଥହୀନ ମନେହୁଏ ଏବଂ ସେଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫଳରେ ଆଗାମୀ ଦିନରେ ଏହି ଜମାଟଙ୍କାକୁ କେନ୍ଦ୍ରକରି ମହାପ୍ରଭୁଙ୍କ ଦୈନନ୍ଦିନ ପ୍ରଶାସନିକ ପରିଚାଳନା ଓ ପୂଜାନୀତିରେ ବିଭ୍ରାଟ ଦେଖାଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ବେଳଥାଉ ସାବଧାନ ହେବା ନୀତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ରିଜର୍ଭ ବ୍ୟାଙ୍କ, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଆଲୋଚନା କରି ଜଗନ୍ନାଥଙ୍କ ୫୪୫ କୋଟି ଜମା ଟଙ୍କାକୁ ଉଦ୍ଧାର କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି । ଯେଉଁ ସରକାରୀ ଅଧିକାରୀ ଏବଂ ମନ୍ଦିର ପରିଚାଳନା କମିଟିର କର୍ତ୍ତୃପକ୍ଷ ଜଗନ୍ନାଥଙ୍କ ଜମା ଟଙ୍କାକୁ ନେଇ ଏଭଳି ବିପଦଜନକ ଖେଳ ଖେଳିଛନ୍ତି, ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ବେହେରା ତାଙ୍କର ଏହି ଚିଠିରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray